# ସ୍ୱର୍ଣ୍ଣଲେଖା

( ୧୫ ଜାନୁୟାରୀ, ୧୯୪୭ )

ନଂ ୫୧
ତା 17 JUL 1959
ରାଉରକେଲା

ଶ୍ରୀ ପ୍ରମଥନାଥ ଦାଶ

ମୂଲ୍ୟ—[illegible] ଅଠଅଣା

ପ୍ରକାଶକ—

ଶ୍ରୀ ପ୍ରମଥନାଥ ଦାଶ

ଷଢ଼େଇକଳା

ପ୍ରଥମ ସଂସ୍କରଣ

ଏକହଜାର, ୧୯୫୧

ମୁଦ୍ରାକର— ବନମାଳୀ ମିଶ୍ର ବି.ଏ.

ନବଭାରତ ପ୍ରେସ,

କଟକ

ନଂ...217
ତା...17 JUL 1959

# ସ୍ୱର୍ଣ୍ଣଲେଖା

## ଏକ

ସ୍ୱର୍ଣ୍ଣଲେଖା ସହିତ ମୋହର ପ୍ରଥମ ପରିଚୟ ହୁଏ ଯାମସେଦ୍‌ପୁରର ମୀନାବଜାର ମେଳାରେ । ସେତେବେଳେ ମୁଁ ମେଟ୍ରିକୁଲେଶନ ପରୀକ୍ଷା ଦେଇ ଘରେ ବସିଥାଏଁ । ରୂପଲେଖା ଆମ ଦୁହିଁଙ୍କର ପରିଚୟ କରାଇ ଦିଏ, "ବରଜ ଭାଇ, ଦେଖୁଛ, ଏଇ ହେଉଛନ୍ତି ସେଇ ସ୍ୱର୍ଣ୍ଣଲେଖା, ଯାର କଥା କଥାଛଳରେ ପ୍ରାୟ ତୁମକୁ କହୁଥାଏଁ ।"

—"ସ୍ୱର୍ଣ୍ଣ......ସ୍ୱର୍ଣ୍ଣ ?"

—ହଁ, ହଁ, ସେଇ ସ୍ୱର୍ଣ୍ଣ... ! ସେଆଜ୍ଞେ ନୁହେଁ ବରଜ ଭାଇ, ଏଆଜ୍ଞେ ଅଜାଅ । ଜାଣ ବରଜ ଭାଇ, ସ୍ୱର୍ଣ୍ଣ ଚୁପି ଚୁପି ଅତି ସୁନ୍ଦର ମଧୁର ରସାଶ୍ରିତ କବିତା ଲେଖେ, କିନ୍ତୁ କାହାକୁ ଦେଖାଏ ନାହିଁ ।"

—"ସେ କି ? ବେଶ୍, ସେ ସବୁ କି ହୁଏ ?"

ସହସା ନମସ୍କାରର ପର୍ବଟା ଆମ ଦୁହିଙ୍କର ପରିଚୟର ପ୍ରଥମ ପରଦା ଖୋଲିଦେଲା । ରୂପର ମଧ୍ୟସ୍ଥତାରେ ଆମର କଥାବାର୍ତ୍ତା ସହଜ ଓ ସରଳ ଭାବରେ ଚାଲିଲା । ପ୍ରାରମ୍ଭ ଯାର ଏଇପରି, ସେ

ସହିତଯ୍ୟ ନିବଡ଼ତର ହେବାକୁ ବେଶୀ ଡେରି ଲାଗେ ନାହିଁ, ବିଶେଷତଃ ଯେଉଁଠି ତୃତୀୟ ପକ୍ଷର ଏତେ ଅନୁଗ୍ରହ।

ରୂପଲେଖାର ସହାୟତାରେ ଅତି ଅଳ୍ପଦିନ ଭିତରେ ସ୍ୱର୍ଣ୍ଣ ମୋହର ଦୁର୍ଗରେ ଅବାଧ ପ୍ରବେଶାଧିକାର ପଥ ଖୋଲିଗଲା। ପ୍ରଥମରୁ ବୁଝିଥିଲି, ସେ ସହଜ ଓ ସାଧାରଣ ନୁହେଁ। ଏତେଦିନ ଧରି ଅଉ ସବୁ ଯେଉଁମାନଙ୍କୁ ଦେଖି ଆସିଛି ସେମାନଙ୍କ ଅପେକ୍ଷା ଯାହାର ଗୋଟାଏ ନିଜସ୍ୱ ସ୍ୱାତନ୍ତ୍ର୍ୟ ଭିତରେ ଅଛି। ଏ ଯେପରି ଏକ ଝଞ୍ଜାଳ ପ୍ରବଳ ଘୂର୍ଣ୍ଣୀ ପବନ, ଯାହାର ଆୟତ୍ତାଧୀନ ହେଲେ ମଣିଷ ଛିନ୍ନଭିନ୍ନ ହୋଇ ଉଠେ।

ପୁରୁଷ ମନକୁ ଜୟ କରିବାର ଯେଉଁ ଦୁର୍ଦ୍ଦମନୀୟ ଆକାଂକ୍ଷା ଏହାଠି ଲକ୍ଷ୍ୟ କରିଥିଲି, ତାର ବିରୁଦ୍ଧରେ ମୋହର ସତ୍ତ୍ୱାକୁ ସର୍ବଦା ସଜାଗ କରି ରଖିଛି। କୌଣସି ଦିନ, କୌଣସି ମୁହୂର୍ତ୍ତିକ ପାଇଁ ସୁଦ୍ଧା ମୋର ଅନ୍ତରର ଦୁର୍ବଳତା ତାହାର ପରିହାସ ଚଞ୍ଚଳ ଚକ୍ଷୁ ସାମନାରେ ମେଲି ଦେଇନି।

ତାର ଏଇ ଆକାଂକ୍ଷା ଏବଂ ମୋର ପ୍ରତିରୋଧର ସଂଘର୍ଷରେ ଆମ ଦୁହିଁଙ୍କ ମଧ୍ୟରେ ଏକ ଜୀବନବ୍ୟାପୀ ଅମୀମାଂସିତ ଦ୍ୱନ୍ଦ୍ୱର ସୃଷ୍ଟି ହୋଇଥିଲା। ସେ ଦିନ ଅମର କଥାଥିଲା ସ୍ୱର୍ଣ୍ଣ ଘରେ ଗୁଡ଼ିଏ ଜଳଯୋଗ ସାରି ଏଗେଲକୁ ସିନେମା ଦେଖିଯିବା। ନୂଆ ନୂଆ ସମ୍ପର୍କରେ କେତେ ଅଭିନବ ଅପରୂପ ସ୍ମୃତି ସ୍ୱର୍ଣ୍ଣର ମନ ଗହନରେ ଅବିରାମ ଭାସି ଯାଉଥିଲା।

ଠିକ୍ ପାଞ୍ଚଟା ବାଜିଥାଏ, ମୁଁ ସ୍ୱର୍ଣ୍ଣ ଘରେ ଆସି ପହଞ୍ଚିଲି। ଶୁଣିବାକୁ ପାଇଲି, ସ୍ୱର୍ଣ୍ଣ ତାର ଶୟନ କକ୍ଷରେ ହାରମୋନିୟମରେ ମଧୁର ଗଳାରେ ଗୀତ ଗାଉଛି।

ମୁଁ ଯେ ତା'ର ଆଶାପଥ ଚାହିଁ
ଦେଉଛି ତନ୍ଦ୍ରା ଭସାଇ
ଅବଶ ଶିଥିଳ ଅଙ୍ଗ
ତରଣୀ ମୋ ବାହୁ ବାହୁ ।
—ମାଳିକା ।

ଇଚ୍ଛା କରି ତାର ଉଆସ ଭିତରକୁ ଚାଲି ଯାଆନ୍ତି । ଝିଙ୍କା ଟେହୁଲ ସିଂ ଇବଅ ମୋହର ଅପିବାର ଡେବର ହେଲା ।

ତତ୍କ୍ଷଣାତ୍ ସ୍ୱର୍ଣ୍ଣଲେଖା ଭିତରୁ ବାହାରି ପଡ଼ିଲା । ସେ ବୋଧହୁଏ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲା । ତା ଆଡ଼କୁ ଦୃଷ୍ଟି ଫେରାଇ କ୍ଷଣିକ ପାଇଁ ମୋହର ମୁଗ୍ଧ ଚକ୍ଷୁ ଦୁଇଟି ଫେରାଇ ଆଣି ପାରିଲି ନାହିଁ ।

ମୁଁ ବୋଇଲି, "ବିଜୟା ଯେଉଁ ଦିନ ନଟରଜର ମାଇକ୍ରୋସ୍‌କପ୍ ଦେଖିବାପାଇଁ ବାହାରି ଟଙ୍ଗିଥିଲା ଶବଦକରର ମଡେଲ ଭାଗରେ ଅଜି ତୁମକୁ ତା ଠଉଁ ବଳି ସୁନ୍ଦର ଦେଖା ଯାଉଛି । କୌଣସି ଭୁଲ ବୁଝିବ ନାହିଁ ସ୍ୱର୍ଣ୍ଣ ! ଅକପଟ ଉକ୍ତିର ଉଚ୍ଛ୍ୱସିତ ପ୍ରଶଂସାର ପୁନରୁକ୍ତି କରିବାର ଲୋଭ ସମ୍ବରଣ କରି ନ ପାରି କହି ପକାଇଲି ।"

ସ୍ୱର୍ଣ୍ଣ ହସି ହସି ଉତ୍ତର ଦେଲା, "କିନ୍ତୁ ମୁଁ ସେଥିପ୍ରତି ଭଲେ ହେଲେ ବିଚଳିତ ହେବି ନାହିଁ ବନ୍ଧୁ ଭାଇ ! ରସିକତା କରିବାକୁ ବେଶ୍ ଶିଖିଛ ଦେଖୁଛି ।"

ନିମିଷକ ମଧ୍ୟରେ ମନର ସମସ୍ତ ଆନନ୍ଦ ମୋର କେଉଁଆଡ଼େ ଉଭେଇ ଗଲା । ଖାଲି ମନଟା ମୋର ଉଦାସ ଲାଗିଲା ଏବଂ ଶୂନ୍ୟ

ଯେ, ସାମାନ୍ୟ ଗୋଟିଏ ରସାତ୍ମବୋଧକ ଅନୁଭୂତିର ସମ୍ମୁଖରେ ବି ସେ ଏମିତି ନିର୍ମମ ଓ କଠୋର ହୋଇ ଦେଖା ଦେଇ ପାରେ ।

ସିଟ୍ ଆମର ରିଜର୍ଭ କରାଯାଇ ଥିଲା । ଦୁହେଁ ଯଥା ସ୍ଥାନରେ ଯାଇ ବସିଲୁ । ଶୋ ଆରମ୍ଭ ହୋଇଗଲା । ଆଘାତର ବ୍ୟଥାରେ ମନଟା ମୋର ଭାରି ହୋଇ ଉଠିଥିଲା । ତେଣୁ ମୁଁ ଚୁପ୍ କରି ବସି ରହିଲି । ସ୍ୱର୍ଣ୍ଣ ବି କିଛି କହିଲା ନାହିଁ । ତାର ସୁକୋମଳ ଦକ୍ଷିଣ ହସ୍ତଟି ମୋର ଯୁଗଳ କର କମଳରେ ଧରି ଦେଇ ନିଃଶବ୍ଦରେ ସେ ଛବି ଦେଖିବାରେ ଲାଗିଲା ।

କ୍ଷଣ ପୂର୍ବର କଠୋରତାର ଆଘାତ ପାଇଁ ଯାହାର ଅକପଟ ଅନୁଶୋଚନା ମୋହର ସର୍ବ ଶରୀରରେ ଅନୁଭବ କରି ମୁଁ ଧନ୍ୟ ହେଲି । ମନଟା ଏଥର ମୁକ୍ତ ବାୟୁର ପରି ହାଲୁକା ଲାଗିଲା । ଇତି ମଧ୍ୟରେ ଆମର ସିନେମା ଦେଖା ସରି ଯାଇଥାଏ ।

ଉନ୍ମୁକ୍ତ ରାଜପଥର ଧାରରେ ସ୍ୱର୍ଣ୍ଣ କହିଲା, "କି ସୁନ୍ଦର ଖୁଲ୍ଲ ଖୁଲ୍ଲ ବାୟୁ ବହୁଛି । ଚାଲନ୍ତୁ ନା ବରଜ ବାବୁ, ଏଇ ଅଦୂରବର୍ତ୍ତୀ ଖୋଲା ମଇଦାନରେ ମୁକ୍ତ ବାୟୁ ସେବନ କରି ଆସିବା ।"

ଆକାଶ ଅଡ଼କୁ ଅନାଇ ମୁଁ ବୋଇଲି, "କିନ୍ତୁ ଆକାଶରେ ଘନ କୃଷ୍ଣ ବଉଦମାଳା ଉଠି ଆକାଶ ଧରଣୀର ଏ କି ପାଗଲାମି ! ଦେଖି ପାରୁଛ ସ୍ୱର୍ଣ୍ଣ, କିପରି ନିବିଡ଼ ଅନ୍ଧକାର ଘୋଟି ଆସୁଛି ! ଅସମ୍ଭବ ସ୍ୱର୍ଣ୍ଣ···ଅସମ୍ଭବ ! ଏ କି ପୁଣି, ବର୍ଷଣ ବର୍ଷାର ଝଡ଼ ଜଳ ଥାଉ ଯେ·····!"

ମୋହର ହସ୍ତ ଧାରଣ ପୂର୍ବକ କିଛି କର୍ଣ୍ଣପାତ ନ କରି ସେ ବିଗଳିତ ସ୍ୱରରେ ଆତ୍ମ ନିବେଦନ କରି କହିଲା, "ବରଷା······

ଦେବଣ୍ଣ ଆସୁ । ବର୍ଷାତି ଆବରଣ ତ ରହିଛି । ତହିଁରେ ଆମର ଛତି କି ବରଜ ବାବୁ । ଚାଲନ୍ତୁ ନା......?"

ରେଗେଲର ଉନ୍ମୁକ୍ତ ରାଜପଥରେ ଆମେ ଯାଉ ଥାଉଁ । ମେଘୁଆ ବାଆରେ ପାଣି ଛିଟିକା ଆସି ପଡୁଥାଏ ଆମ ମୁହଁ ଉପରେ । ଶ୍ରାବଣର ବର୍ଷଣ ଭାରାକ୍ରାନ୍ତ ମୌନ ମ୍ଳାନ ସନ୍ଧ୍ୟାର ଉଚ୍ଛଳ ବତାସ ସ୍ୱର୍ଣ୍ଣର ଆଜାନୁଲମ୍ବିତ କୁନ୍ତଳ କେଶ ଗୁଚ୍ଛ ମୋର ଆଖି ଓ ମୁହଁ ଉପରେ ପଡ଼ି ବେଳେ ବେଳେ ମନଟାକୁ ମୋର ଅସ୍ତ ବ୍ୟସ୍ତ କରି ପକାଉ ଥିଲା ।

ଉପରେ ଆକାଶ ଆଡ଼କୁ ଦୃଷ୍ଟି ପକାଇ ମନେ ହେଲା ଯେମିତି ଛିନ୍ନ ମେଘର ଫାଙ୍କେ ଫାଙ୍କେ ଖଣ୍ଡ ଚନ୍ଦ୍ର ଆମ ପରି ଭ୍ରମଣ ମାନା ସୁରୁ କରିଛନ୍ତି । ମେଘର ଫାଙ୍କେ ଫାଙ୍କେ ତା'ର ଚକିତ ଦୃଷ୍ଟିର ମଧ୍ୟଦେଇ ସେ କି ବିପୁଳ ଇଙ୍ଗିତ !

ସେଇ ଆବଚ୍ଛା ଜ୍ୟୋତ୍ସ୍ନାର ସ୍ତିମିତ ଆଲୋକରେ ସ୍ୱର୍ଣ୍ଣର ମୁଖ-ଚନ୍ଦ୍ରମା ଦେଖି ମୋର ମନ ଗହନରେ ଏକ ଅପୂର୍ବ ମାୟାଜାଲ ସୃଜନ କଲା । ଅନ୍ତରର ନିଭୃତ କୋଣରେ ପୁଞ୍ଜିଭୂତ ବେଦନା ସ୍ତରେ ସ୍ତରେ ଜମି ଯାଉଥିଲା ଠିକ୍ ଭାରାକ୍ରାନ୍ତ କଳା ମେଘ ପରି । ମେଘୁଆ ପବନ ପରଶର ଧୀର କମ୍ପନ ପରି ଗୋଟିଏ ସୁଖସ୍ମୃତି ସେହି ପୁଞ୍ଜିଭୂତ ବେଦନାରେ ଦେଉଥିଲା ମୃଦୁ ଆଲୋଡ଼ନ ।

ହଠାତ୍ ଆସି ଯଦି କେହି ମୋର ଅନ୍ତରର ବେଦନାକୁ ତାର ଅନ୍ତରରେ ଉପଲବ୍ଧି କରେ, ମୋର ଅନ୍ତରର ଭାଷାକୁ ତା'ର କଣ୍ଠରେ କଣ୍ଠରେ ଫୁଟାଇ ବାହାର କରେ ଓ ଯଦି ମୋ ଅନ୍ତରରେ ଗୋଟାଏ ଅବକ୍ତ୍ରିକତାର ଅବତାରଣା ହୁଏ, ତେବେ ସେଠା ଅତ୍ୟନ୍ତ

ସ୍ୱାଭାବିକ । ସେଇ ଆକସ୍ମିକତା ଆସିଥିଲା ବହୁକ୍ଷଣ ଧରି ଆମ ଦୁହିଁଙ୍କ ଭିତରେ ଗୋଟାଏ ନୀରବତାର ଆବରଣ ଦେଇ ।

ଦମକା ପବନରେ ଯେମିତି ଖୋଲା ବହିର ପୃଷ୍ଠା ଗୁଡ଼ିକ ଫର ଫର ହୋଇ ଓଲଟି ଯାଏ ସେମିତି ମୋ ମନରେ ଏମିତି କେତେଗୁଡ଼ିଏ ସ୍ମୃତିର ସମାବେଶ ହେଲା ପରେ ପରେ ଠିକ୍ ଚଳଚ୍ଚିତ୍ରର ଦୃଶ୍ୟପଟ ପରି ।

ଏଇପରି ଗୋଟାଏ ଅକାରଣ ନୀରବତା କେତେକ୍ଷଣ ଧରି ଆସିଥିଲା । ସହସା ଏଇ ନୀରବ ଓ ନିସ୍ତବ୍ଧତା ଭଂଗ କରି ସ୍ୱର୍ଣ୍ଣକୁ ଡାକିଲି—"ସ୍ୱର୍ଣ୍ଣ !"

—"କୁହନ୍ତୁ !"

—"ଶୁଣ, ସ୍ୱର୍ଣ୍ଣ, ବହୁଦିନ ଧରି ଗୋଟାଏ କଥା ତୁମକୁ କହିବା ପାଇଁ ମନ ବଳାଉଛି । ଅତୀତ ସଂଗରେ ତା ସହିତ ଜଡ଼ିତ ରହିଛି କେତେଗୁଡ଼ିଏ ସୁଖ ସ୍ମୃତି, ଭବିଷ୍ୟତରେ ରହିଛି ଆଶା ଓ ସ୍ୱପ୍ନ—ମାତ୍ର ବର୍ତ୍ତମାନ କେବଳ ଶୂନ୍ୟତା ଆଉ ଜଡ଼ତା । ସନ୍ଧ୍ୟା ତ ସବୁଦିନ ଆସେ, ମାତ୍ର ଏମିତି ସନ୍ଧ୍ୟା । କଳା ମେଘ ସ୍ତୂପ ହୋଇ ରହିଛି ଆକାଶ ଯାକ ବ୍ୟାପି, ତହିଁ ମଧ୍ୟରେ ପୁଣି ଉଦିଆ ଜହ୍ନର ତୋଫା ଆଲୁଅ—ଏ ସବୁ ଟିକିଏ ଅସାଧାରଣ ନୁହେଁ କି ? ମନେ ହେଉଛି ମୋର ଏତେ ଦିନର ସଞ୍ଚିତ ବେଦନା ଭରା କଥା ଆଜି........ । ଅଚ୍ଛା ଶୁଣ ତେବେ ସ୍ୱର୍ଣ୍ଣ,—

'ଜଳ ଛଳ ଛଳ ପ୍ରକୃତି ସଜଳ
ସେ ଦିନ ବାଦଲ ବେଳା

ଅଶ୍ରୁ ଜଳ କୋଣେ ଲୁଙ୍ଗିଗଲା ତେଣୁ
ଆମର ମିଳନ ମେଳା

କଳା ମେଘ ବଡ଼ ସୁନ୍ଦର ଢଙ୍ଗେ
ଧୂଳି ଭସ୍ମ ଧରଣୀ'ପରେ

ଗଗନେ ସେ ତେଣୁ ଥାଏ ନା—
ଝଡ଼ପଟେ ଶ୍ରାବଣର ମାରେ ।"

ସ୍ୱର୍ଣ୍ଣ ବାଧାଦେଇ କହିଲା, "ଯାହା କହିବାକୁ ଯାଉଛ ବୁଝୁଛି କରନ୍ତୁ ବାବୁ । କିନ୍ତୁ ଦୋହାଇ ବରଙ୍କ ବାବୁ, ଏ କାବ୍ୟ ରଖନ୍ତୁ । ଗୁଲନ୍ତୁ ଏବେ—ଏ ଦମକା ବାଆରେ ଆଉ ଏଠି ସମୟ କଟାଇବାକୁ ଇଚ୍ଛା ହେଉନାହିଁ ।"

ବିକ୍ଷୁବ୍ଧ ପ୍ରକୃତିର ନ୍ୟାୟ ସାରା ଅନ୍ତର ମୋର ଉଦ୍‌ବେଳିତ ହୋଇ ଉଠିଥିଲା । ସ୍ୱର୍ଣ୍ଣର ଏ କଥା ଶୁଣି ମୁହୂର୍ତ୍ତିକ ସକାଶେ ତାହା ସ୍ତବ୍ଧ ହୁମ ପ୍ରାୟ ହୋଇଗଲା ।

ନାରୀ ଜାତିର ସୌନ୍ଦର୍ଯ୍ୟ ଦୁଇ ପ୍ରକାର । ଗୋଟାଏ ବସନ୍ତ ଋତୁ ପରି ମନରେ ଆଣେ ଉଦ୍ଦୀପନା, ଆଣେ ଉନ୍ମାଦନା, ଆଉ ଆଣେ ଚଞ୍ଚଳତା । ଆଉଟି ବର୍ଷାଋତୁ ପରି ଶୀତଳ ଓ ସ୍ନିଗ୍ଧ । ଉନ୍ମାଦନା ନାହିଁ ଅଛି କେବଳ ତୃପ୍ତି, ଅବସାଦ ନାହିଁ ଅଛି ପୂର୍ଣ୍ଣତା । ସ୍ୱର୍ଣ୍ଣର ରୂପ ଏଇ ଧରଣରେ—ସ୍ନିଗ୍ଧ ବର୍ଷାପରି । ଆଖି ଝଲସି ଯିବା ଭଳି ସୌନ୍ଦର୍ଯ୍ୟର ଉତ୍କଟତା ତାଠେଇଁ ନଥିଲା କିଛି । ସ୍ନିଗ୍ଧତା ସମସ୍ତଙ୍କୁ ମୁଗ୍ଧ କରେ । ମୋ କ୍ଷେତ୍ରରେ ବା ତାର ବ୍ୟତିକ୍ରମ ହେବ କାହିଁକି ?

ଅପରିଚିତତାର ବ୍ୟବଧାନ ଦୂରୀଭୂତ ହୋଇ ଆମ ଦୁହିଙ୍କର ଆତ୍ମୀୟତା ହେବାକୁ ସମୟ ବେଶୀ ଲାଗି ନାହିଁ । କାରଣ, ସ୍ୱର୍ଣ୍ଣ ତାର ବ୍ୟବହାରରେ ଓ ଗୁଣରେ ମୁଗ୍ଧ କଲା ଭଳି କମନୀୟତା ଅଛି । ତାର ସେଇ ସ୍ନିଗ୍ଧତା ଓ କମନୀୟତାର ସମ୍ମିଶ୍ରଣ ମୋତେ ବି ଭାରି ଭଲ ଲାଗିଥିଲା । ସହସା ସ୍ୱର୍ଣ୍ଣର ଏଇ ଅପ୍ରତ୍ୟାଶିତ କଥାରେ ହୃଦୟରେ ମୋର ଦୁର୍ବଳତା ଅନୁଭବ କରିଥିଲି । ଏଇ ଦୁର୍ବଳତାର ସୁଯୋଗ ନେଇ ଗୋଟାଏ ମାୟାର ବନ୍ଧନ ମୋତେ ବି ଘେରି ପକାଇଥିଲା ।

କେତେବେଳ ଯାଏ ସେମିତି ନୀରବରେ କଟିଥିଲା କେଜାଣି ସ୍ୱର୍ଣ୍ଣ ଆଉ କିଛି କହିଲା ନାହିଁ, ନୀରବରେ ଠିଆ ହୋଇ ରହିଲା । କେଉଁ ଅନାବିଷ୍କୃତ କଳ୍ପଲୋକର ଛବିର ଅନୁଭୂତି ମନରେ ଧାରି ଦେବାକୁ ବୋଧହୁଏ । ସେ ସେଇପରି ତଳକୁ ମୁହଁ ପୋତି ଛିଡ଼ା ହୋଇଥିଲା । ଆଉ ମୁଁ ଦେଖୁଥିଲି, ତା' ଦିହଯାକରେ ଆଲୋକ-ଛାୟାର ଲୁଚକାଳି ଖେଳ । ଅଗତ୍ୟା ଗୃହାଭିମୁଖରେ ଫେରି ଚାଲିବାକୁ ପଡ଼ିଥିଲା ତା'ରି ଅନୁରୋଧରେ ।

## ଦୁଇ

ଏମିତି ଏକମାସ ଗଲା ବିତି । ସ୍ୱର୍ଣ୍ଣର ଆଉ ଦେଖା ମିଳିଲା ନାହିଁ । ମୁଁ ବସିଥିଲି ଗୋଟିଏ ମୁକ୍ତ ବାତାୟନ ପାଖରେ ପଶ୍ଚିମ ଗଗନକୁ ଚାହିଁ । ମେଘୁଆ ବାଆରେ ପାଣି ଛିଟିକା ଆସି ପଡ଼ୁଥାଏ ମୋ ମୁହଁ ଉପରେ । ମୁଁ ବସି ଭାବୁଥିଲି, କଅଣ ଭାବୁଥିଲି କେଜାଣି ? ମେଘର ଫାଙ୍କରକାବାଟେ ଅସ୍ତଗାମୀ ଅରୁଣର ଗୋଟାଏ ଅତି କ୍ଷୀଣ ଆଲୋକ ରଶ୍ମି ଦେଖାଯାଉଥାଏ ସୂର୍ଯ୍ୟାସ୍ତର ଅରୁଣିମା

ସେ ଦିନ ମେଘର ବିଷଣ୍ଣତା ମଧ୍ୟରେ ପାଇଥାଏ ଲିଭି । ଅସ୍ତରାଗର ରଙ୍ଗୀନ ଉତ୍ସବ ମେଘର ଦିଗନ୍ତ ବ୍ୟାପୀ ବ୍ୟଥାର ଭାରରେ ଚାପି ରହିଥାଏ । ଆଜି ବିଷଣ୍ଣ ବର୍ଷାର ବିଗଳିତ ଧାରାରେ ପଖାଳି ହୋଇ ଯାଉଥାଏ ସବୁ ।

ସନ୍ଧ୍ୟାର ଅନ୍ଧକାର ଧୀରେ ଧୀରେ ଘୋଟି ଆସୁଥାଏ କ୍ରମେ ନିବିଡ଼ରୁ ନିବିଡ଼ତର ହୋଇ । ଆଖି ଆଗରେ ସେତେବେଳେ ଭାସି ଆସୁଥିଲା ସନ୍ଧ୍ୟା ରାଣୀର ଏକ ଚିତ୍ରପଟ ! ମୁଁ ଅନ୍ତତଃ ଏପରି ଅବସ୍ଥାରେ ପଡ଼ିଲେ କଅଣ କରନ୍ତି, ଯଦି ସନ୍ଧ୍ୟାରାଣୀ ତାର ଲମ୍ବା କଳାପରଦା ଟାଣି ପୃଥିବୀକୁ ଦୀର୍ଘ କାଳ ତମସାଚ୍ଛନ୍ନ କରି ରଖନ୍ତା ।

ଠିକ୍ ସେତିକିବେଳେ ସ୍ୱର୍ଣ୍ଣ କୁଆଡ଼ୁ ଆସି ଦମକା ବାଆ ପରି ଘରେ ପ୍ରବେଶ କଲା ଏବଂ ବୋଧହୁଏ ସେହି ପବନର ପରଶ ନ ପାଇ ଲଣ୍ଠନର ବତୀଟା ଦପ୍ କରି ଗଲା ନିଭି । ମୁଁ ଅତର୍କିତ ଭାବରେ ଥିଲି ଆପଣା ଭାବରେ ଭୁଲି—ଦିଗନ୍ତ କୋଳରେ ଦୃଷ୍ଟି ହଜାଇ । ଏଣୁ ଚମକି ପଡ଼ିଲି ଜଣକର ଏପରି ଅପ୍ରତ୍ୟାଶିତ ଆଗମନରେ ।

ସେଇ ଅତର୍କିତ ଅନ୍ଧକାର ମଧ୍ୟରେ ସ୍ୱର୍ଣ୍ଣର ଅସ୍ଫୁଟ କଳ-ହାସ୍ୟ ଯେମିତି କେଉଁ କଳ୍ପଲୋକର ରହସ୍ୟପୁରୀର ଅବ-ହାଓ୍ୱା ବହନ କରି ନେଇଗଲା । ହଠାତ୍ ବତୀଟା ଜାଳି ପକାଇ ମୁଁ ବୋଇଲି, "ଏ କେଉଁ ଖେଆଲ ପୁଣି ? ଚକ୍ଷୁ ଭୟରେ ବତୀ ଆଲୁଅର ସାହାଯ୍ୟ ଯଦିଚ ନେଇଛି, ଏମିତି ଅସମୟରେ ସେଠା ଅବଧି ବିମୁଖ ହୋଇ ଉଠିଛି ? "

କଥାଟା ତା କାନକୁ ଗଲା କି ନାହିଁ ଜାଣି ନାହିଁ । କିନ୍ତୁ ସ୍ୱର୍ଣ୍ଣ ଅଳ୍ପ ହସି ଚାହିଁଲା ମୋ ଆଡ଼କୁ । ତାର କିଶୋରୀ ହୃଦୟରେ

ସେ କଅଣ ଅନୁଭବ କଲା କେଜାଣି, ମୁହଁଟାକୁ ଆଉ ଉପରକୁ ଟେକି ରଖି ପାରିଲା ନାହିଁ । ଚକ୍ଷୁ ଗୋଲାପ ଦଳର ଆଭା ଫୁଟିଲା ଗଣ୍ଡରେ । ଏଇ ହସ, ଗ୍ରୀବାର ଭଙ୍ଗୀ, ଚାହାଣୀର ଛଟା—କିଏ ବୁଝିବ ତାର ଅର୍ଥ ? ଆକାଶଟା ଯାକ ଖଣ୍ଡ ଖଣ୍ଡ ଧଳାମେଘ ଭିତରେ ଚାଲୁଥାଏ ଜହ୍ନ ଆଲୁଅର ଲୁଚକାଳି । ମୁଁ ବସିଥିଲି ପୂର୍ବବତ୍ ସେଇ ବାତାୟନକୁ ଅଉଜି । ଝିର ଝିରିଆ ପବନ ଭିତର ଦେଇ ଜହ୍ନ ଆଲୁଅ ପୁଣି ଘର ଭିତରକୁ ପ୍ରବେଶ କରି ଗୋଟାଏ ସ୍ୱପ୍ନ-ରାଜ୍ୟର ସୃଷ୍ଟି କରୁଥାଏ । ସେ ଆସି ବସିଲା ସେଇଟି ପାଖ ଟିକିଏ ଦୂରକୁ ଅଉଜି ।

ସେ କହିଲା, "କାରଣ ପଚାରୁଛନ୍ତି ବରଜ ବାବୁ—ସବୁ ତ ଆପଣଙ୍କ ଯୋଗୁଁ । କେତେଦିନ ଯାଏ ଏକବାରେ ଆପଣଙ୍କର ଆଉ ଦେଖା ମିଳି ପାରିଲା ନାହିଁ । ମୁହଁଟିକୁ ପାଇ ସୁଦ୍ଧା ନୁହେଁ । ହଠାତ୍ ଏମିତି ଅଦୃଶ୍ୟ ହେବାର କାରଣଟା ବୋଧହୁଏ କୌଣସି...... !"

ମୁଁ ବାଧା ଦେଇ କହିଲି, "ରୁହ—ରୁହ, ପ୍ରଶ୍ନର ରୂପରେ ଯେ ମୋତେ ଅସ୍ଥିର କରି ପକାଇଲଣି । ମୁଁ ତ କେବେ କୁଆଡ଼େ ଅଦୃଶ୍ୟ ହୋଇନି । ତୁମକୁ ବରଂ ଏଇ କେତେଦିନ ଧରି ଦେଖା ପାଇନି । ଚାରି ପାଞ୍ଚଦିନ ଧରି ତୁମକୁ ମୁଁ ଅହରହ ଖୋଜୁଛି, ତୁମ ଘରକୁ ବି ଯାଇଛି ଏବଂ ସେଠାରେ ବି ଖୋଜୁଛି, କିନ୍ତୁ... !"

ସ୍ୱର୍ଣ୍ଣ ବାଧା ଦେଇ ଜବାବ ଦେଲା, "ଇସ୍ ଯାଇଥିଲେ ନା କି ? ହୁଁ, କେବେ, କେବେ ଯାଇ ଖୋଜିଥିଲେ କୁହନି !"

ଉତ୍ତର ଦେଲି, "ମିଛ କହୁନି ସ୍ୱର୍ଣ୍ଣ । ଅହରହ ଅବଶ୍ରାନ୍ତ ଭାବରେ...... !"

ମନେ ମନେ ଭାବିଲି—ମୋର ମୁହଁର ସ୍ୱୀକାରୋକ୍ତିଟାହିଁ ସେ ଶୁଣିବାକୁ ଆସିଛନ୍ତି । ବେଶ୍ ଢଙ୍ଗରେ ଯଉ ବା କି ?

ସ୍ୱର୍ଣ୍ଣ ବହୁକ୍ଷଣ ନୀରବ ପରେ ଦୁଃଖଭରା କଣ୍ଠରେ ବୋଇଲା, "କିଶୋର, ସୁରେଶ ପ୍ରଭୃତି ରୋଜ ରୋଜ୍ ଆସି ବଡ଼ ପୀଡ଼ାପୀଡ଼ି କରନ୍ତି, ଏଣୁ ନ ଯାଇବା ଗୁରା କଅଣ ? ବେଗୁରା ଅତି ଭଦ୍ରଲୋକ । ଆପଣଙ୍କ ସହିତ ଥରେ ଯଦି ପରିଚୟଟା କରାଇ ଦିଅନ୍ତି ତାହାହେଲେ ବୋଧହୁଏ ବୁଝନ୍ତେ !"

ମୁଁ ହସି ହସି ଜବାବ ଦେଲି, "ଆଉ ସ୍ୱର୍ଣ୍ଣ, ମୋର ଦରକାର ନାହିଁ ।"

କଥା ପଦକରେ ଯେଉଁ କର୍କଶତା ପ୍ରକାଶ ପାଇଲି ତାହା ସେ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ମୁଣ୍ଡ ହଲାଇ ମିନତି ସ୍ୱରେ କହିଲା, "ରାଗୁଛନ୍ତି ବରଂ ବାବୁ, ରାଗନ୍ତୁ ପଛକେ ମୋର ଅବା ଦୋଷ କଅଣ ? ମାଆ ନ କହିଥିଲେ ମୁଁ କଦାପି ଯାଇ ନ ଥାନ୍ତି ।"

ମୁଁ ବୋଇଲି, "ନା, ନା, ରାଗିବି କାହିଁକି ? କି ଅଧିକାରରେ ଅବା......।"

ମନେ ମନେ ଭାବିଲି,—ମିନତି ଦେଖାଇବାର ସେ ଚେଷ୍ଟା କରୁଛି । କିନ୍ତୁ କିଛି ଫଳ ହେବ ନାହିଁ । ତା'ର ନୀଳଆଖି ମନର ରୁଦ୍ଧ ଦରଜା ସାମନାରେ ଛିଡ଼ା ହୋଇ ଉମେଦାରି କରି ମୋଟେ କିଛୁ ପଟିବ ନାହିଁ ।

ସ୍ୱର୍ଣ୍ଣ ସେତେବେଳେ ଭାବୁଥିଲା ଆକାଶ-ପାତାଳ । ଭାବି ପୁଣି କଅଣ ଗୁଡ଼ାଏ କହିବ ବୋଲି ପ୍ରସ୍ତୁତ ହେଉଥିଲା ବୋଧହୁଏ ।

କିନ୍ତୁ ଠିକ୍ ସେତିକିବେଳେ ବନ୍ଧୁ ରମେଶର ଗମ୍ଭୀର କଣ୍ଠର ଆୱାଜ କାନରେ ପଶିବାରୁ ଇସାରା ଦେଇ କାନ୍ଥିଅଡ଼ରେ ଚଟ୍ କରି ଚଦର ଖଣ୍ଡି ପକାଇ ଦେଇ ମୁଁ ତତ୍‌କ୍ଷଣାତ୍ ବାହାରି ପଡ଼ିଲି ।

## ତିନି

ସେ ଦିନ ଦ୍ୱିପ୍ରହର ବେଳେ ମୁଁ 'ପ୍ରିୟ ବାନ୍ଧବୀ' ଉପନ୍ୟାସ ଖଣ୍ଡି ନେଇ ପଢ଼ୁଥିଲି । ପଢ଼ିବାକୁ ମନ ମୋଟେ ଲାଗୁ ନ ଥାଏ । ଅକାରଣରେ ମନଟା ବାହାରର ସ୍ତବ୍ଧ ଦ୍ୱିପ୍ରହରର ନ୍ୟାୟ ଭାରକ୍ରାନ୍ତ ହୋଇ ଉଠୁଥିଲା ।

ମୁଁ ଭାବୁଥିଲି—କେତେ କଅଣ ଭାବୁଥିଲି, ତାର ଇୟତ୍ତା ନାହିଁ । ସ୍ୱର୍ଣ୍ଣର ସେଇ ରାତିର ହସ ଟିକକ ମୁଁ ଭୁଲି ପାରି ନ ଥାଏ । ମୁଁ ନିର୍ନିମେଷ ନୟନରେ କିପରି ତାର ଆଡ଼କୁ ଅନାଇ ରହିଥିଲି, ଖୋଜୁଥିଲି ତା'ର ଅନ୍ତରର ଭାଷା, ଭୁଲିଥିଲି ନିଜର ଅସ୍ତିତ୍ୱ, ଭୁଲିଥିଲି ମୋ ମନର ଭାବନା, କେବଳ ଦେଖୁଥିଲି ତା'ର ସ୍ନିଗ୍ଧ ଆୟତ ଆଖି ଯୋଡ଼ିଟିରେ ଅସୀମତାର ବ୍ୟାପ୍ତି, ଅଧର କୋଣରେ ତାରୁଣ୍ୟର ଦୀପ୍ତି, ଚୂର୍ଣ୍ଣ ଅଳକରେ ଗୋଟିଏ ଅନିର୍ଦ୍ଦିଷ୍ଟ ମାଦକତା—ଖାଲି କେବଳ ସେଇକଥା ମାନ ।

ସୁରେଶ ସହିତ ନୂଆ କରି ମୋର ପରିଚୟ ହୋଇଛି । ହାଇସ୍କୁଲର ଚାରିବର୍ଷ କାଳ ଏକା ସାଥୀରେ କ୍ଲାସରେ ବସା ଉଠା ତାର ପରେ ବହୁକାଳ ଧରି ଛାଡ଼ା ଛାଡ଼ି । ଆଇନର ମୋହ ତାକୁ ଦୂରକୁ ଓଟାରି ନେଇ ଯାଇଥିଲା । କ୍ଲାସରେ ଯେ ଥିଲା ନିହାତି ବୋକା, ସେ ଆଜି ଲମ୍ବା ଲମ୍ବା ଛିଡ଼ା କଥା କୁହେନା । ଏଥିରେ ପୁଣି ସ୍ୱର୍ଣ୍ଣର ସହିତ ସେ ପ୍ରେମରେ ପଡ଼ିଛି । ହେଲେହେଁ ମୋର କି

ଯାଏ ଅଟେ । ଜୋର କରି ସେ ଏ ବିପଦସଙ୍କୁଳ ପଥରେ ଚାଲିଛି— ଚାଲି ଯାଉରେ ।

ଏମିତି କେତେ କଅଣ ଭାବୁଥିଲି । ସ୍ୱର୍ଣ୍ଣ ଭୁଆଙ୍କ ଆସି ମୋର ଘରେ ପ୍ରବେଶ କଲା । ଯେଉଁ କଥାଟା ମନରୁ ଏକ ପ୍ରକାର ପୋଛି ପକାଇଥିଲି, ସେଇ କଥାଟାହିଁ ସେ ପୁଣି ରୋମନ୍ଥନ କଲା । ଅନିଚ୍ଛା ସତ୍ତ୍ୱେ ବହି ପଢିବା ବନ୍ଦ କଲି ।

ସ୍ୱର୍ଣ୍ଣ ପଚାରିଲା, "ଅଚ୍ଛା କୁହନ୍ତୁ ନା, ବରଜ ବାବୁ, କେମିତି ଧରଣର ସେ ସୁରେଶ ବାବୁଟି ? ବେଶ ଭଦ୍ର ଧରଣର ବୋଧ ହୁଏ ?"

ମୁଁ ହସି ହସି ବୋଇଲି, "ନିଶ୍ଚୟ, ଅତି ଭଦ୍ର । ସ୍କୁଲରେ ପ୍ରତ୍ୟହ ତାକୁ ନାନା ଉପାୟରେ ଏପ୍ରିଲ ଫୁଲ କରି ଆମ୍ଭେମାନେ ଯେତେ ଆନନ୍ଦ ପାଉଥିଲୁ, ସେ ନିଜେ ଠକି ଓ ବୋକା ବନି ମଧ୍ୟ ଆମ ଅପେକ୍ଷା କମ୍ ଆନନ୍ଦ ଅନୁଭବ କରନ୍ତା ନାହିଁ । ଏବେ ବି ଦେଖିଲି, ସୁରେଶର ପ୍ରକୃତି ମଧ୍ୟରେ ଆଜି ବି ତାର କୌଣସି ବ୍ୟତିକ୍ରମ ହୋଇ ନାହିଁ । ବର୍ତ୍ତମାନ ମଧ୍ୟ ଅତି ସହଜ ଭାବରେ ତାକୁ ଠକାଇ ପାରିଯାଏ ।"

ମୋ କଥା ଶୁଣି ପ୍ରଥମ ପ୍ରଥମ ବିସ୍ମିତ ହୋଇ ସ୍ୱର୍ଣ୍ଣ ମୋ ଆଡ଼କୁ ଚାହିଁ ରହିଲା । ବୋଧହୁଏ ମୋର କହିବା ଭଙ୍ଗୀର ଅର୍ଥଟା ସେ ବୁଝିବାକୁ ଚେଷ୍ଟା କରୁଥିଲା । କ୍ଷଣକ ପରେ ମୁହଁରେ ରକ୍ତ ଗୋଲପର ଆଭା ଫୁଟାଇ ସେ ବୋଇଲା, "କିନ୍ତୁ ବରଜ ବାବୁ, ଆପଣଙ୍କ ପରି ତାଙ୍କର ଏତେ ଅହଙ୍କାର ନାହିଁ । ତା' ବୋଲି ସେ ନିହାତି ବୋକା ବି ନୁହଁନ୍ତି ।"

ସ୍ୱର୍ଣ୍ଣର ଏ ଦୀପ୍ତ କୋଧ ଦେଖି ମୋତେ ଭାରି ହସ ମାଡ଼ିଲା। ମୁଁ ସେହିକ୍ଷଣି ଉତ୍ତର ଫେରାଇ ବୋଇଲି, "ବୃଥା ଡର ସ୍ୱର୍ଣ୍ଣ, ଏମିତି କୁହନା । ସ୍ୱର୍ଣ୍ଣ ତୁମେ କି ଜାଣନା—କୌଣସି କଥା ମୁହଁରେ ଫସ କରି ଫୁଟାଇବା ପୂର୍ବରୁ ମନର ଗାମ୍ଭୀରତା ସଜାଗ ରଖିବା ଦରକାର । ତୁମ ମୁହଁ ଭଙ୍ଗୀରୁ ତୁମ ମନର କଥା ବୁଝିବା ବହୁତ ସହଜ ।"

ପରିହାସର ତୀବ୍ର ଦାହ ସେ ଆଉ ସହ୍ୟ କରି ପାରିଲା ନାହିଁ । ଆରକ୍ତ ମୁଖରେ ତେଣୁ ସେ ସ୍ଥାନରୁ କ୍ଷିପ୍ର ପ୍ରାୟ ଛୁଟି ପଳାଇଗଲା । ଦୁଆର ପାଖରୁ ପଛକୁ ଫେରି ଚାହିଁଥିଲା ଥରେ ମୋ ଆଡ଼େ । ଯେମିତି କଣ୍ଠା ପଡ଼ୁଥିଲା, ମୁହଁରେ ତାର ମଳିନ ଗାମ୍ଭୀର୍ଯ୍ୟ ଗୋଟାଏ ଅବଶ୍ୟମ୍ଭାବୀ ଘଟଣାର ଅଧୀର ପ୍ରତୀକ୍ଷାରେ ବ୍ୟାପ୍ତଥିଲା ବୋଧହୁଏ ।

ବହିଟି ଟାଣି ନେଇ ଶୋଇ ପଡ଼ିଲି । ପଢ଼ା ଆଉ ଅଗେଇ ପାରିଲି ନାହିଁ ।

ମୋର ମନେ ମନେ ଅଜସ୍ର ଚିନ୍ତାର ଜମାଟ ବାନ୍ଧି ଯାଇଥିଲା । ଏ ତରୁଣୀ ସ୍ୱର୍ଣ୍ଣ, ସେଇ ତରୁଣ ସୁରେଶର ମନ ଗହନରେ ତାର ରକ୍ତ ଗୋଲାପର କି ରକ୍ତିମ ଯୌବନ ଉଦ୍ଦାମତା ଭରି ଖେଳାଇ ଏକ ଅପୂର୍ବ ମାୟାଜାଲ ସୃଜନ କରିଥିଲା କେଜାଣି ? ତେବେ ଏଇ କଅଣ ତା'ର ଶେଷ ! ମୁଁ କିନ୍ତୁ ଏତେ ଚଞ୍ଚଳ ଚାହେଁନା ଯବନିକା ଟାଣିବାକୁ । ବାସ୍ତବିକ ମନୁଷ୍ୟର ସୁଖଟା ଯେତେବେଳେ ଅପେ, ତହିଁର ମାଦକତା ନ ଥାଏ କିଛି । ସୁଖର ପ୍ରତୀକ୍ଷାରେହିଁ ସୁଖ, ଆଉ ତାର ଆଗମନର ଉତ୍କଣ୍ଠାରେହିଁ ସୁଖ । ଫୁଲଟିଏ ଫୁଟିବାର ମାଦକତାରେ ଯେଉଁ ରୂପ, ଯେଉଁ ରସ, ଯେଉଁ ଗନ୍ଧର ସୃଷ୍ଟି ହୁଏ, ମୁଁ ଚାହେଁ ସେହି ମାଧୁରୀରେ ନିଜକୁ ବିହ୍ୱଳ କରିବାକୁ । କିନ୍ତୁ ତାର

ମଙ୍ଗଳବାର ବ୍ୟର୍ଥତା ମୁଁ ଚାହେଁ ନା . ସେଥିପାଇଁ ମୁଁ ରହେଁ ଭୂଇଁରେ, ଯେତେବେଳେ ସମୟ ଆସେ ପରିଣତିର ଉତ୍କଣ୍ଠାକୁ ନିଜ ଭିତରେ ଅନୁଭବ କରିବାକୁ । ମୋ ଜୀବନରେ ଏଇ ଯେଉଁ ମହା ସୁଖର ଆବେଗ ବିହ୍ୱଳ କରୁଛି, ଏଟା କେବଳ ଆଶା ଓ ପ୍ରତୀକ୍ଷା । ଏଥିରେ ଭିଡ଼ି ଓଁଟାର ବାସ୍ତବକତାର ନିଷ୍ଠୁର ଯବନିକା ଟାଣିଲେ ମୋର ସମ୍ବଳ ଅଉ ରହିଲା କଅଣ ?—ବିବାହ ?- ନା, ମୁଁ ତାକୁ ବିବାହ କରିବାକୁ ଚାହେଁ ନା—ଏଇ ଲୁଚକାଳି ଖେଳ ଚାଲିଥାଉ ଚିରଦିନ । ପାଣିରେ ପ୍ରତିବିମ୍ବ ପଡ଼ିଥିଲେ ସେ ଛବିରେ ଯେମିତି ଥାଏ ଗୋଟାଏ ପୂର୍ଣ୍ଣତାର ଭାବ, ଏ ଠିକ୍ ସେମିତି । ଏ ପୂର୍ବ ଭାଗର ଅଭିନୟ ପରେ ଲଣାଙ୍କର ସଙ୍ଗରେ ଅରବିନ୍ଦର ମିଳନରେ ଆସିବ ସେଇ ପୂର୍ଣ୍ଣତା…… ।

ଏ ଦୃଶ୍ୟ ପଟ ମୋର ମନ ଗହନରେ ଆଉ ଏକ ନୂତନ ପରଦା ଖୋଲି ଦେଇଥିଲା । ମୁଁ ଚିନ୍ତା ନିବିଷ୍ଟ ହୋଇ ଭାବୁଁ ଭାବୁଁ ନିଦ୍ରାଗତ ହୋଇଥିଲି ।

## ଚାରି

ତହୁଁ ଅରବିନ୍ଦ ରମେଶକୁ ଯାଇ କହିଲା, "ବନ୍ଧୁ, ଅନେକ ଚେଷ୍ଟା ସତ୍ତ୍ୱେ ଏତେ ଦିନରେ ଯାହା ପାଇ ପାରି ନାହିଁ ଆଜି ବିନା ପରିଶ୍ରମରେ ବିନା ଚେଷ୍ଟାରେ ପାଇ ଗଲି । ମୁଁ ଏବେ ତୁମମାନଙ୍କର । ନାମଟା ମୋହର ଲେଖି ନିଅ । ଆଜି "ସେବାସଙ୍ଘ" ପାଇଁ ଯା ଯା ଦରକାର ବୋଲ । ସଙ୍ଗେ ସଙ୍ଗେ ଅନୁଷ୍ଠାନଟିର ଶୁଭ ଉଦ୍‌ବୋଧନର ସମସ୍ତ ଆୟୋଜନ କର ।"

ବୈଚିତ୍ର୍ୟହୀନ ଜୀବନ ମଧ୍ୟରେ ବିଡ଼ମ୍ବନାର ଅନ୍ତ ଥିଲା ନାହିଁ । ମୁଁ ଗ୍ରୀଷ୍ମକାଳରେ ଜଳ ପୋଖରୀ ଯେମିତି ଦିନୁ ଦିନ ହ୍ରାସ ପାଏ କ୍ଷୀଣରୁ କ୍ଷୀଣତର ହୋଇ ଯାଉଥିଲି ।

ଅସୀମକୁ ଉପଲବ୍ଧି କରିବାର ଯେଉଁ ଚିର ଜୀବନ୍ତ ଆଗ୍ରହ ମଣିଷର ମାନସ ସରୋଜରେ ନିଦ୍ରାଭିଭୂତ ଥାଏ, ଆଜି ସହସା ତାର ଆହ୍ୱାନରେ ସାରା ଅନ୍ତର ମୋର ଅଧୀର ହୋଇ ଉଠିଛି । ଠିକ୍ ଏହି ସମୟରେ ଦେଖାହୁଏ ପରମ-ପୂଜ୍ୟପାଦ ଗୁରୁଦେବଙ୍କ ସଙ୍ଗରେ ରମେଶର ଘରେ । ଗୁରୁଦେବ ମୋହର ଭୂମିଷ୍ଠ ଦଣ୍ଡବତ ଗ୍ରହଣ କରି ସବିନୟ ସହକାରେ କହିଲେ, "ଆଚ୍ଛା ବରଜ, ମୁଁ ଯେ ଶୁଣୁଛି, ତୁମେ ନା କି ଏକଲବ୍ୟ ପରି ମୋତେ ଗୁରୁ ମାନିଛ । ବେଶ୍ ବେଶ୍, ମୋର ଗୁରୁ ଦକ୍ଷିଣାଟା ତେବେ କାହିଁ ?"

ଏଇ ଗୁରୁଦେବ ଏତେବଡ଼ ପ୍ରସିଦ୍ଧ ମହାପୁରୁଷ, ଯାର ନାମ କ୍ଷୁଦ୍ର ଦେଶର ଗଣ୍ଡି ଅତିକ୍ରମ କରି ଆଜି ବିଶ୍ୱବୁକୁର ଅନ୍ଧସନ୍ଧିରେ ସୁଦ୍ଧା ବିକ୍ଷିପ୍ତ ହୋଇ ପଡ଼ିଛି । ଯାର ଭୟରେ ଭାରତର ରାଜଶକ୍ତି ଭୀତ, ତ୍ରସ୍ତ ହୋଇ ଅବନତ ମସ୍ତକରେ ଗୁରୁଙ୍କର ସାଷ୍ଟାଙ୍ଗ ପ୍ରଣିପାତ କରି ନିଜ ଦେଶକୁ ଫେରି ଯିବାକୁ ପଡ଼ୁଛି ଏବଂ ଯାର ନିସ୍ୱାର୍ଥ ତ୍ୟାଗ ଦେଶକୁ ବିଦେଶୀ ରାଜଶକ୍ତିର କବଳରୁ ମୁକ୍ତ କରି ଦେଶକୁ ସ୍ୱାଧୀନ କରିଛି, ତାଙ୍କର ଶାନ୍ତିକାମ୍ୟ ନୀତିର ଆଦର୍ଶ ଗ୍ରହଣ କରି, ତାଙ୍କ ସାଙ୍ଗରେ ମୋର ଆଜି ସାମନା ସାମନି ଆଳାପ ଘଟି ଉଠିଛି । ଆନନ୍ଦ, ଗର୍ବ ଏବଂ ମୋହରେ ମନ ମୋର ଆତ୍ମହରା ହୋଇଗଲା । ତାଙ୍କ ନିକଟରେ ଛିଡ଼ା ହୋଇ ଗୌରବମୟ ଦେଶର କାମରେ ଆତ୍ମନିୟୋଗ କରି ପାରିବି, ଏହାଠୁ ବଳି ବଡ଼ ସୌଭାଗ୍ୟ ମୋର ଆଉ କି ହୋଇପାରେ । ଗୁରୁଦେବଙ୍କ ପାଦରେ ମୋର ମଥା ରଖି

ଭକ୍ତିଗତ ପ୍ରଣାମ କରି କହିଲି, "ଗୁରୁଦେବ, ଆଜିଠାରୁ ଦେଶର ସେବାବ୍ରତ ଗ୍ରହଣ କଲି । ଆପଣଙ୍କୁ ଅଦେୟ ମୋର କିଛି ନାହିଁ ।"

ସେହିଦିନଠାରୁ ମୋର ଜୀବନର ଗତି ନୂତନ ଧାରା ବାନ୍ଧି ନେଲା । ପ୍ରଥମେ ହେଲା ମୋର ଅବିଶ୍ୱାସ, ତା ପରେ ଅଚ୍ଛନ୍ନ କଲା ବିସ୍ମୟ—ମନ ଭିତରେ ଏଇପରି ଗୋଟିଏ ପ୍ରବଳ ଦ୍ୱନ୍ଦ୍ୱ ଚାଲିଲା । ତା ଭିତରେ ଦେଖା ଦେଲା ଈର୍ଷା । ମାତ୍ର କ୍ଷଣକ ପାଇଁ ଥିଲା ତାର ସ୍ଥିତି । ତା ପରେ ଅଚ୍ଛନ୍ନ କଲା ବ୍ୟଥା । ବ୍ୟଥା—ହତାଶାର, ବ୍ୟଥା—ବ୍ୟର୍ଥତାର !

ଯୌବନର ଚଲା ପଥରେ ଯେ ଥିଲା ଅଧରା ପ୍ରିୟାର ସ୍ତୁତିଗାନ ରଚନା ନିଯୁକ୍ତ ଶେଲିର ଶିଷ୍ୟ କବି, ସେ ମରିଯାଇ ଆଜି ପୁଣି ଜନ୍ମଲାଭ କଲା । ଚଲା ପଥର ସମସ୍ତ ଦାବୀ ଗୋଟି ଗୋଟି କରି ମେଣ୍ଟାଇ ନେବାପାଇଁ ସେ ଆଜି ପୁଣି ନୂଆ କରି ପ୍ରସ୍ତୁତ ହେଲା ସବ୍ୟସାଚୀର ମନ୍ତ୍ର ଶିଷ୍ୟତ୍ୱ ଗ୍ରହଣ କରି ।

ଗୋଟିଏ ପ୍ରେରଣା ପାଇଲି, କର୍ତ୍ତବ୍ୟର—ତ୍ୟାଗର ପ୍ରେରଣା । ଭବାନୀର ସଙ୍ଗେ ସମ୍ବନ୍ଧଟା ଚାଲିଥିଲା ବାଧ୍ୟ ହୋଇ ସେଇଟା ଭାଙ୍ଗି ଦେବାକୁ ହେଲା, ଯଦିଚ ମୁଁ ବୁଝିଥିଲି ମୋର ଅନ୍ତରର ଆତ୍ରରଣ ଓ ବ୍ୟର୍ଥତା । ବ୍ୟବଧାନର ବ୍ୟୂହ ଭେଦ କରିବାର ଶକ୍ତି ଅଛି କାହାର ଯେତେଦିନ ରହିଅଛି ଏଇ ନିଷ୍ଠୁର ସମାଜ !

ମାଆ ରହସ୍ୟର ପ୍ରଥମ ଭୂମିକାଟି ବୁଝି ପାରି ନ ଥିଲେ । ତା ପରେ ଯା ତା ମୁହଁରୁ ଶୁଣିପାରି ଅସଲ ଖବରଟା ଠଉର କରି ଅକାରଣରେ କଡ଼ା କଥା କହି ଏକ ଅନର୍ଥ ଉଠାଇ ବସିଲେ ।"

ମୁଁ ବୁଝାଉଥିଲି, "ମା', ଏମିତି ବୃଥା ଚିନ୍ତା କରି ନା ! ଲୋକେ ଶୁଣିଲେ ବୋଲିବେ କ'ଣ ? ବରଂ......!"

ଏହି ତରଫର କଥାହିଁ ଯଥାର୍ଥ ବୁଝିପାରି ମା' କିଞ୍ଚିତ୍ ଆଶ୍ୱସ୍ତ ହୋଇଥିଲେ । ସେଇ ଦିନ ଠାରୁ ସେ ଆଉ ଏ କଥାର କୌଣସି ଦ୍ୱିରୁକ୍ତି ନ କରି ଚୁପ ରହିଲେ । କିନ୍ତୁ ଅନ୍ତରର କ୍ରମ ବର୍ଦ୍ଧିତ ଉଦ୍‌ବେଗ ତାଙ୍କର ସର୍ବ ଶରୀରକୁ ଯେ ଦିନକୁ ଦିନ ଜୀର୍ଣ୍ଣ ଶୀର୍ଣ୍ଣ କରି ପକାଉଥିଲା ଏହା ମୁଁ ସ୍ପଷ୍ଟ ବୁଝିପାରିଥିଲି । ହେଲେହେଁ ମୋର ଅବା ଗତି କ'ଣ ? ମୁଁ ତ ସେତେବେଳେ ଗୁରୁଦେବଙ୍କ ନିକଟରେ ସତ୍ୟ କରି ସାରିଛି ।

ସେଦିନ ସ୍ୱେଚ୍ଛାରେ ଯେତେବେଳେ ବିବାହ ସମ୍ବନ୍ଧୀୟ ଭଙ୍ଗି ଦେଇଥିଲି ସତକୁ ସତ ସ୍ୱର୍ଣ୍ଣ ବିସ୍ମିତ ଓ ଅଶ୍ରୁପ୍ଳାବିତ ହୋଇଥିଲା । ସେ ଭାବିଥିଲା ଏ ବିବାହରେ ମୋର ପୂରାପୂରି ମତ ଅଛି ଏବଂ ତାହା ମୁଁ ନିଶ୍ଚୟ କରିବି ।

ସେ ଦିନ ସୁଯୋଗ ପାଇ ମୁଁ ମଧ୍ୟ ଛାଡ଼ିଲି ନାହିଁ । ସ୍ୱର୍ଣ୍ଣର ବିସ୍ମିତ ଦୃଷ୍ଟି ମୁଁ ଉପେକ୍ଷା କରି ଟିକିଏ ରସିକତା କରି କହିଲି, "ଶୁଣ ସ୍ୱର୍ଣ୍ଣ, ମୋର ବ୍ୟର୍ଥ ଜୀବନର ଦିନ ଗୁଡ଼ା ଆଲୁଅ ଅନ୍ଧାରର ମଧ୍ୟ ଦେଇ ଏକ ପ୍ରକାର କଟିଯିବ । କିନ୍ତୁ ତୁମ ତ କେବେ ତାହା ହୁଏନା ସ୍ୱର୍ଣ୍ଣ । ଆଉ ଜଣକୁ ଘରକୁ ଆଣି ସାରା ଜୀବନ ତାରି ସଙ୍ଗରେ ମିଛ ଅଭିନୟ କରି କଟାଇବା, ସୁଖର ମିଳନରେ ଠିକ୍ ବ୍ୟଥାର ଗୁପ୍ତ ପଡ଼ିଲା ପରି ହେବ ସ୍ୱର୍ଣ୍ଣ ।"

କଥା ଶୁଣି ସ୍ୱର୍ଣ୍ଣ ନୀରବ ହୋଇ ଛିଡ଼ା ହୋଇ ରହିଲା । ଆଗ ପରି ସେ କୌଣସି ରହସ୍ୟ ତରଳ ପ୍ରତ୍ୟୁତ୍ତର ଦେଇ ପାରିଲା ନାହିଁ ।

ତାର ସଜଳ ଚକ୍ଷୁର ଗଭୀର ଦୃଷ୍ଟିର ଅନ୍ତରାଳରେ ଅନ୍ତରର ଗୋପନତମ ଅକଥିତ ବାଣୀ ମୁଖର ହୋଇ ଉଠିଥିଲା ।

ଆକାଂକ୍ଷା ଦୀପ୍ତ ଜୀବନର ଅଗଣାରେ ଆଜି ନିରାଶାର ଗାଢ଼-ଛାୟା ଘନାଇ ଆସିଛି ।

ମୋର କର୍ମମୟ ଜୀବନର ଗୁରୁ ଗମ୍ଭୀର ଆହ୍ୱାନ ଆସି କାନରେ ବାଜୁଥାଏ । ହଠାତ୍ ମନରେ ପରବର୍ତ୍ତିନ ଆସୁଥିଲା ଏଇ ଭାବ ଯେ, ଏଇପରି ଅପ୍ରତ୍ୟାଶିତ ଭାବରେ ବିବାହ ବନ୍ଧନ ଛିନ୍ନ କରିବା ଅନ୍ତତଃ ମୋ ପକ୍ଷରେ ଉଚିତ ହୋଇ ନାହିଁ । କିନ୍ତୁ ମଣିଷ ବେଚାରିର ଦୋଷ କି ? ସେ ଭାବେ ଏକ, କରେ ଏକ । ମନୁଷ୍ୟ ଯେତେ-ବେଳେ ଗୋଟାଏ ଜିନିଷ ହରାଇବାକୁ ବସେ ସେତିକିବେଳେ ସେ ବୁଝେ ତାର ମର୍ମ । ଯେଉଁ ବୈଚିତ୍ର୍ୟହୀନ ଗୌରବମୟ ଦେଶର କାମନା ମୁଣ୍ଡାଇବାକୁ ପ୍ରଥମେ ଏତେ ବୈଚିତ୍ର୍ୟହୀନ ଲାଗୁଥିଲା ପୁଣି ମୋର ମନେ ହେଲା ଯେପରି ତାର ପ୍ରତିମୁହୂର୍ତ୍ତି ଗୋଟିଏ ଗୋଟିଏ ସୁଖସ୍ମୃତି ଧରି ରଖିଛି । କର୍ମହୀନ ଦିନର ଅଳସ ଜୀବନ ଧାରା ଭିତରେ କର୍ତ୍ତବ୍ୟର ବାଧା ମୋର ଅନ୍ତରକୁ ସଙ୍କୁଚିତ କରି ଦେଲା —ଗୋଟାଏ ଉଦାସୀନତା ଆସିଲା । ମୋର ମନ ଗୁହାରିଲା ଯେମିତି କଟୁଥିଲା ଦିନ ସେମିତି କଟୁ । ମାଏ ଅଜ୍ଞାତ ଭବିଷ୍ୟତ ପାଇଁ ବର୍ତ୍ତମା-ନର ଅନେକ ସୁଖ ତ୍ୟାଗ କରିବାକୁ ହୁଏ ।

ସ୍ୱର୍ଣ୍ଣର ବିଗତ ଶାନ୍ତ ଦିବସଗୁଡ଼ିକର ଆନନ୍ଦ ଚଞ୍ଚଳ ସୁଖସ୍ମୃତିଚୟ ବର୍ତ୍ତମାନର କର୍ମମୟ ଜୀବନ ଧାରା ମଧ୍ୟଦେଇ ଥରେ ଥରେ ଦେଖାଦେଇ ସାରା ଅନ୍ତର ମୋର ଉଦ୍‌ବେଲିତ କରିଦିଏ ।

## —ପାଞ୍ଚ—

ତହିଁ ଅପରଦିନ ଉମେଶ ନିକଟରୁ ସଦ୍ୟପ୍ରାପ୍ତ ଟେଲିଗ୍ରାମଟିର ଜବାବ ଖସଡ଼ାଟିଏ ମୁଁ ପ୍ରସ୍ତୁତ କରାଇ ନେଉଥିଲି । ସ୍ୱର୍ଣ୍ଣ ଆସି କହିଲା, "ନୀରଜ ବାବୁ, ଆପଣ ଏଡ଼େ ମିଥ୍ୟାବାଦୀଟାଏ ବୋଲି ମୁଁ ଜାଣି ନ ଥିଲି ।"

ମୁଁ ଚକିତ ହୋଇ ପଚାରିଲି, "ମୁଁ—କାହିଁକି ?"

ସ୍ୱର୍ଣ୍ଣ କହିଲା, "ନାହିଁ ତ କଅଣ ? ତାହା ସମ୍ବନ୍ଧଟା ଯେଉଁଥି ପାଇଁ ଆପଣ ଭାଙ୍ଗିଦେଲେ ମୁଁ କି ଜାଣେ ନା ।"

ସ୍ୱର୍ଣ୍ଣ ଆସିଥିଲା ମୋତେ ଅନୁନୟ କରିବାକୁ ବୋଧହୁଏ ଏବଂ ଅନୁନୟର ସୁର ଧରି । ସ୍ମିତ ମୁଖରେ ମୁଁ ତା ଆଡ଼କୁ ଅନାଇଲି । ସେତେବେଳକୁ ମୁଁ ହୃଷ୍ଟ ତାର ଚୂର୍ଣ୍ଣ କୁନ୍ତଳ ସାଗରେ ମଣ୍ଡିତ ହୋଇ ଯାଇଥିଲି । ଯାର ଅଙ୍ଗ ପ୍ରତ୍ୟଙ୍ଗ, ତନୁ ଭଙ୍ଗିମା, ଗ୍ରୀବାର ଭଙ୍ଗୀ, ଅଧରର ସ୍ମିତହାସି—ଛଟା,—କିଏ ବୁଝିବ ତାର ଏ ସବୁର ଅର୍ଥ ?

ମା'ଙ୍କ ନିକଟରୁ ସମ୍ଭବତଃ ସେ ଆମୂଳ ଚୂଳ ସମସ୍ତ ଖବର ସଂଗ୍ରହ କରି ନେଇଥିଲା । ସମସ୍ତଙ୍କୁ ଭୁଲି ମା ଅ ଯେ କି ହେତୁ ଏଇ ରୂପସୀ ବାଳାକୁ ଅବଲମ୍ବନ କରି ପ୍ରାଣର ରୁଦ୍ଧ ବେଦନା ଭରା ଅକଥିତ ଗୋପନତମ କଥା ତା ଠେଇଁ ବ୍ୟକ୍ତ କରି ଦିଅନ୍ତେ ତାର କାରଣ ମୁଁ ଆଜି ପର୍ଯ୍ୟନ୍ତ ଖୋଜି ପାଇନି । ଅରେ ଅରେ ଏଇ ରୂପସୀ ତରୁଣୀର କେତେ ଗୋପନତମ କଥା ମନେ ପଡ଼ି ଯାଏ ଅନ୍ତର ମୋର ଘାରି ଦିଅନ୍ତା ।

କିୟତ୍‌କ୍ଷଣ ପାଇଁ ସେ ସେଇଠି ସେହିପରି ନୀରବରେ ଛିଡ଼ା ହୋଇଥିଲା । ଝୁରୁ ଝୁରୁ ମୁକ୍ତାର ପରି ତାର ନୟନର

ଭୁଇଁ କୋଣରୁ ଗୋପନ ବେଦନାପୂର୍ଣ୍ଣ ଲୋତକ ଧାର ନୀରବରେ ବହି ଯାଉଥିଲା ନିର୍ଝରିଣୀର ପରି ।

ତାର ଅନୁନୟ ଓ ମିନତି ମୋତେ ଆଉ ଭଲ ଲାଗିଲା ନାଇ । ତା ଆଡ଼କୁ ଅନାଇ ମୁଁ କହିଲି, "ଦେଖ ସ୍ୱର୍ଣ୍ଣ, ଏଇ ଜୀବନର ପରିପୂର୍ଣ୍ଣତାର ସନ୍ଧିକ୍ଷଣରେ ଆସି ଏଇ ଶୁଷ୍କ ନିବେଦନ ତୁମ ମୁହଁରେ ଆଜି ବଡ଼ ବେଢଙ୍ଗା ଦିଶିଲା । ଅନ୍ତତଃ କିଛିଦିନ ଅଗରେ ଯଦି କହିଥାନ୍ତ..... ।"

ସୁରେଶ ସଙ୍ଗରେ ସ୍ୱର୍ଣ୍ଣର ବିବାହର ଯେ ସମ୍ପୂର୍ଣ୍ଣ ସ୍ଥିର ହୋଇ ସାରିଛି ସେ ଖବର ମୁଁ ବହୁ ଆଗରୁ ପାଇଥିଲି ।

ଯେତେବେଳେ ମୋର ବିବାହର କଥା ଚାଲିଥିଲା ସେତେ-ବେଳେ ମୋର ମୌନତାକୁ ସମ୍ମତିର ଲକ୍ଷଣ ଭାବି ନେଇ ସ୍ୱର୍ଣ୍ଣ ମୋତେ ପରିହାସ କରି କହିଥିଲା, "ଶୁଣି ବଡ଼ ଖୁସିଟାଏ ହେଲି ଯେ ମୋର ଭବିଷ୍ୟତର ଅନେକ ଦୁର୍ଭାବନା ବି ଦୂରୀଭୂତ ହେଲା ।" ଏଇତ ସେଇ ସ୍ୱର୍ଣ୍ଣ, ଯାର ମୁହଁରୁ ଏପରି ରୁଢ଼କଥା ଦିନକରେ ମୋ ଠେଇଁ ଆତ୍ମ ପ୍ରକାଶ କରିଥିଲା ।

ସ୍ୱର୍ଣ୍ଣ ମୋ ଆଡ଼କୁ ଲକ୍ଷ୍ୟ କରି ପୁଣି କହିଥିଲା, "ହଁ, ଆଉ ଗୋଟିଏ କଥା ବରଜ ବାବୁ, ମୋ ନିକଟରୁ ଯେଉଁ ସ୍ମୃତି ଚିହ୍ନ ଛୁହିଁ ଥିଲେ ନେବେ ନାହିଁ କି ?—ଅର୍ଥାତ୍ ଗୋଟିଏ କି ଦିଓଟି ପୁରୁଣା ଛିଣ୍ଡା ବହି ଅଉ ମୋର ଟିକିଏ କେଶ କବରୀ ବନ୍ଧା ଫିତା- ?"

ସ୍ୱର୍ଣ୍ଣ ନିଜର ସେଇ ନିଷ୍ଠୁର ବିଦ୍ରୁପାତ୍ମକ ପରିହାସରେ ନିଜେହିଁ କେବଳ ଉଚ୍ଛ୍ୱସିତ ହୋଇ ହସିଥିଲା । କିନ୍ତୁ ସେଟା ଯେ

ଉପରେ ନିଷ୍ଠୁର ଓ ନିର୍ମମ ହୋଇ ଅଉ ଜଣକର ଅନ୍ତରରେ ଏଇ ଦୁଃସହ ଦୁର୍ବାର ଶେଲ ବିନ୍ଧିବାରେ ତା ସେ ବୁଝିବାକୁ ବୋଧହୁଏ ଚେଷ୍ଟା କରି ନାହିଁ ।

ଆଜି ସୁଯୋଗ ପାଇ ମୁଁ ତାର ସେଇ ଦିନକର କଥାର ପ୍ରତ୍ୟୁତ୍ତର ଦେବାକୁ ଯାଇଥିଲି । ମୁଁ ବୋଇଲି, "ବନ୍ଧୁମାନଙ୍କ ନିକଟରୁ ଏତେଦିନ ଶିକ୍ଷା ଲାଭ କରି ଆଜି ସହସା ଏମିତି ଦୁର୍ବଳତା ପ୍ରକାଶ କରିବା ତୁମର କଦାପି ଉଚିତ ହୋଇନି ସ୍ୱର୍ଣ୍ଣ । କେହି ଯଦି ଏ କଥା ଶୁଣନ୍ତା ତା ହେଲେ ହୁଏତ କହନ୍ତା, ସ୍ୱର୍ଣ୍ଣଟା ନିହାତି କି ଦୁର୍ବଳ, ମନର କଥା ଅତି ସହଜରେ ପ୍ରକାଶ କରି ପକାଏ ।"

ମୋହର ଏଇ ଅପ୍ରତ୍ୟାଶିତ କଠିନ ପରିହାସ ମୁହୂର୍ତ୍ତିକ ପାଇଁ ତାର ସଜଳ ଅଶ୍ରୁ ଉତ୍ସକୁ ଯେମିତି ଶୁଷ୍କ ଓ ପାଷାଣ କରି ଦେଇଥିଲା । ଧୀରେ ଧୀରେ ସେ ସେଠାରୁ ଚାଲି ଯାଇଥିଲା ।

ମୁଁ ମନରେ ଗୋଟାଏ ଅଶ୍ୱସନା ପାଇ ଭାବିବାକୁ ଲାଗିଲି— କୌଣସି ପ୍ରକାର ବଞ୍ଚିଗଲି ଯାହାହେଉ, ଏତେ ଦିନକେ ଗୋଟାଏ ତରଫର ଅମୀମାଂସିତ ଚୋପଜନତମ ଦ୍ୱନ୍ଦ୍ୱର ମିମାଂସା ହୋଇ ଏ ଦିଗର ପଥଟି ସମ୍ପୂର୍ଣ୍ଣ ପରିଷ୍କାର ହୋଇଗଲା ।

ମୁଁ ସଶରୀରେ ପ୍ରସ୍ତୁତ ହୋଇ ରମେଶକୁ ଖବର ଦେଲି— ମୁଁ ତିନିଦିନ ଭିତରେ ରୱାନା ହେଉଛି । ମନର ଆନନ୍ଦ ଓ ଅନ୍ତରର ଉଚ୍ଛ୍ୱାସକୁ ଗୁପି ରଖି କାର୍ଯ୍ୟତଃ ଶାନ୍ତ ନିବିଷ୍ଟ ହୋଇ ଭାବିଲି—ଏହି ଜଟିଳ ଦୁଶ୍ଚିନ୍ତାରୁ ମୁକ୍ତି ପାଇବାକୁ ହେଲେ ନିଜକୁ ଦୂରରେ ରଖିବା ଭଲ ।

## —ଛଅ—

'ସ୍ୱର୍ଣ୍ଣର ଉଭୁର ଜଳ ଅଗେଇ ଆସୁଥାଏ । ଉପର ଏଆଡ଼େ ମୋର ଦୀକ୍ଷା କେବଳ ଧନଠା ବ ସନ୍ନିକଟତର ହୋଇ ଆସୁଥାଏ ।

ଯେ ସୁନ୍ଦରୀର ପରଶ ସମ୍ପର୍କରେ ପୁରୁଷ ଅଲକ୍ଷିତରେ କେତେ ପ୍ରେରଣା ପାଇ ଜୀବନର ଗତକୁ ମାର୍ଜିତ କର ନିଏ ଓ ଯାହାର ଅମଳ ଆକର୍ଷଣରେ ମନୁଷ୍ୟ ଦେବତ୍ୱ ଲଭ କରେ, ତାକୁ ପୁଣି ଘୃଣ୍ୟ ଶଯରେ ଶଯିତ କର ସଂସାରବାସୀ କାହିଁକି ବା ଜଡ଼ତାର ପରିଚୟ ଦିଏ ? ହୃଦୟ ତନ୍ତ୍ରୀରେ ଯେ ରାଗିଣୀ ସୁସ୍ୱରେ ବାଜି ଉଠେ, ତାହାକୁ କାହାର ପ୍ରଭାବ କ୍ଷୀଣ କର ନୈରାଶ୍ୟର ଛାୟାକୁ ସମ୍ମୁଖରେ ଆଙ୍କିଦିଏ ? ଯେ ଭାବ, ଜୀବନର ଦୈନ୍ୟକୁ ଦୂର କର କଳ୍ପନା ରଚିତ ଗୋଟାଏ ଅପାର୍ଥିବ ଉପଭୋଗ୍ୟ ବସ୍ତୁ ସୃଷ୍ଟି କରିଥାଏ, ତାକୁ ସହସା ଭିନ୍ନ ଆଲୋକରେ କିଏ ରଞ୍ଜିତ କରେ ? ଯାହାକୁ ଅବଲମ୍ବନ କର ମନୁଷ୍ୟ ଶତବାଧା ଅତିକ୍ରମ କରିଥାଏ, ତାକୁ କାହା ଆଦେଶରେ ଅଜାତରେ ତ୍ୟାଗ କରିବାକୁ ପ୍ରୟାସୀ ହୁଏ । ସୁଖର ସଂସାର ଗଢ଼ କର ନିସ୍ୱାର୍ଥ ପ୍ରେମ ବନ୍ଧନମଧ୍ୟରେ କାଳ ଫଣିନୀର ବଶ୍ୟତା ସ୍ୱୀକାର କରିବାକୁ କିଏ ତାକୁ ପ୍ରେରଣା ଦିଏ ? ଏଇସବୁ ମାନବ ସମାଜର ଅବିରାମ ପରିବର୍ତ୍ତନ ଦେଖି ମାନବ ଚରିତ୍ରକୁ ବିଶ୍ଳେଷଣ କଲେ ମନରେ ଗୋଟାଏ ଭୀଷଣ ଜଟିଳତା ପ୍ରକଟିତ ହୁଏ ।

ସେଦିନ ପର ମୁଁ ଆଜି ସେହି ନିର୍ଝର ନୀଡ଼ଛାଡ଼ ଘୂରୁଣୀ ଝଡ଼ବତାସ ମଧ୍ୟରେ ମୋହର ଅନ୍ତର ନିକ୍ଷେପ କରିବାକୁ ଯାଉଛି । ବ୍ୟାକୁଳ ମନଟା ମୋର ଏଇ କେତେଦିନ

ଧରି ବାର ବାର ଅନ୍ୟ ମନସ୍କ ହୋଇ ଉଠୁଥିଲା । ସହସା ଦିନକରେ ସମସ୍ତଙ୍କ ଅଜ୍ଞାତ ସାରରେ ମୋର ଯାତ୍ରା ସୁରୁ କରି ଦେଲି ।

ସ୍ନେହର ନିବିଡ଼ ବନ୍ଧନ ଛିନ୍ନ କରି ଆସିବାର ପଶ୍ଚାତରେ ଯେ ବ୍ୟାକୁଳ କ୍ରନ୍ଦନ ଗୁଞ୍ଜରିତ ହୋଇଗଲା ପଥର ବହୁଦୂର ପର୍ଯ୍ୟନ୍ତ ଯାତ୍ରା ପଥିକର ଅନ୍ତର ବିହ୍ୱଳିତ କରି ପକାଏ, ମୋର ବିଦାୟ କ୍ଷଣର ସେ କରୁଣ ମିନତି ଭରା ସ୍ୱରିଣୀ ଧ୍ୱନିତ ହେବାର ବହୁପୂର୍ବରୁହିଁ ଏକ ଘନ ବାଦଲ ଅନ୍ଧକାର ସ୍ରୋତରେ ଯାତ୍ରା ମୋର ଆରମ୍ଭ ହୋଇଗଲା ।

ଯିବାର ପୂର୍ବଦିନ ସ୍ୱର୍ଣ୍ଣକୁ ନିରୋଳାରେ ପାଇ କହିଥିଲି, "ମୁଁ କାଲି ଯାଉଛି ସ୍ୱର୍ଣ୍ଣ !"

ମୋର ଏଇ ଦରିଖଣ୍ଡିଆ କଥାପଦକ ଶୁଣି ସେ ଅଳ୍ପକ୍ଷଣ ପର୍ଯ୍ୟନ୍ତ ସେଇଠି ଅବାକ୍ ହୋଇ ଛିଡ଼ା ହୋଇ ରହିଥିଲା ବୋଧହୁଏ ନିଜକୁ ସମ୍ବରଣ କରି ନ ପାରି । ତାରପରେ ଧୀରେ ଧୀରେ ସେ କହିଥିଲା, "ଏଇ କେତୁଟା ଦିନ ବାଦ୍ ଦେଇଗଲେ ଭଲ ହୁଅନ୍ତା ନାହିଁ ବରଜ ବାବୁ ?"

ମୁଁ କହିଥିଲି, "ନା ସ୍ୱର୍ଣ୍ଣ ମୋହର ପୁଣି ଅନ୍ୟ କାମ ଅଛି ଯେ— । ମୋତେ ନିଶ୍ଚୟ କାଲି ଯିବାକୁ ହିଁ ହେବ !"

ସ୍ୱର୍ଣ୍ଣ କହିଥିଲା, "ବେଶ୍, ତାହାହେଲେ ଯିବା ଆଗରୁ ପଦ ଧୂଳି ଦେଇ ଯାଅ ବରଜ ବାବୁ, ଯାହା ମଥାପାତି ଗ୍ରହଣ କରି ଏଇ ହତ-ଭାଗିନୀ ନିଜକୁ ଚିର କୃତାର୍ଥ ମନେ କରିବ ।"

ସେଦିନ ପ୍ରଥମ ସେ ମୋର ଯୁଗଳ ପଦ୍ମରେ ମଥା ରଖି ପ୍ରଣାମ କରି ତାର ଅସ୍ପ ନିବେଦନ ଜଣାଇଥିଲା । ସେଇ ତାର ପ୍ରଥମ—ସେଇ ତାର ଶେଷ । ସତେ ଯେପରି ସେ କି ଅକୁଳ ନିବେଦନ ! ସେଇଦିନ ତାର ସମସ୍ତ ସମ୍ବଳ ମୋର ଯୁଗଳ ପଦ୍ମରେ ସେ ଅଞ୍ଜଳି ଦେବାକୁ ଚାହିଁଥିଲା ।

ସୃଷ୍ଟିର ପ୍ରଥମାବସ୍ଥାରୁ ହିଁ ଏଇ ନିଃଶେଷିତ ଆତ୍ମଦାନ ପୁରୁଷ ମନକୁ ଚିରଦିନ ଧରି ଜୟ କରି ଆସିଛି ।

ଯଥାସାଧ୍ୟ ନିଜକୁ ସଂଯତ କରିନେଇ ମୁଁ ସେ ଦିନ କହିଥିଲି, "କେହି କେବେ କୌଣସି ମୁହୂର୍ତ୍ତରେ ସୁଦ୍ଧା ମୋ ନିକଟରୁ ଇମିତ ଭାବରେ ଆଶୀର୍ବାଦ ଚାହିଁ ନି । କି ଆଶୀର୍ବାଦ ଦେବି ତାହା ମୋର ଏ କ୍ଷୁଦ୍ର ଚଞ୍ଚଳ ମସ୍ତିଷ୍କରେ ଖୋଜି ପାଉନି ପୁଣି !"

କ୍ଷଣକାଳ ପର୍ଯ୍ୟନ୍ତ ମୁଁ ତା ଠାରୁ କୌଣସି ଉତ୍ତର ପାଇ ପାରି ନ ଥିଲି ।

ଆଜି ଯାହାର ପ୍ରତିବାଦର ପ୍ରଖରତା, ପରିହାସର ଚଞ୍ଚଳତା, ଯାହାର ତରଳ କଳକଣ୍ଠ, ସମସ୍ତ ଆଜି ଗୋଧୂଳିର ମ୍ଳାନଚ୍ଛାୟାରେ ବେଳାଭୂମିର ନ୍ୟାୟ ସ୍ତିମିତ, ଅଚ୍ଛନ୍ନ ହୋଇ ପଡ଼ିଛି । ଏ ଆଜି ଆହତା, ଏ ଆଜି ପରାଜିତା ।

କିନ୍ତୁ ସମସ୍ତ ସମାପନାନ୍ତେ ନିସ୍ତବ୍ଧତା ଭଙ୍ଗ କରି ସେ କହିଥିଲା, "ଆଶୀର୍ବାଦ କରନ୍ତୁ, ଯେପରି ଏ ହତଭାଗିନୀ ପରଜନ୍ମରେ ଆପଣଙ୍କୁ........ !"

ମୁଁ ବ୍ୟସ୍ତ ହୋଇ କହିଲି, "ମୁଁ କିନ୍ତୁ ପରଜନ୍ମ କଥା ମୋଟେ ଯେ ବିଶ୍ୱାସ କରେ ନାହିଁ ତୁମେ ତା' ବୋଧହୁଏ ଜାଣ ସ୍ୱର୍ଣ୍ଣ।"

ସ୍ୱର୍ଣ୍ଣ ମାଟିର ପ୍ରତିମା ପରି ସେଇଠି ଠିଆ ହୋଇ ରହିଥିଲା।

ମୁଁ ସେଇଦିନ ଅତି ଧୀର ଓ ସହୃଷ୍ଟ ଭାବରେ ପ୍ରବୋଧନା ଦେଇ କହିଥିଲି, "ଆଶୀର୍ବାଦ କରୁଛି ସ୍ୱର୍ଣ୍ଣ, ତୁମେ ଚିର ସୁଖିନୀ ହୁଅ।"

ସାମାନ୍ୟ ସାଧାରଣ ଶୁଭେଚ୍ଛା ମାତ୍ର। କିନ୍ତୁ ସେଇ ଦିନକର ସେ ଆଶୀର୍ବାଣୀ ମୋର ଅନ୍ତରର ଅନ୍ତସ୍ଥଳୀରୁ ଉଚ୍ଚାରିତ ହୋଇଥିଲା। ସେ ଅକୃତା ଓ ଦୀନା ମୋ ଅପେକ୍ଷା ଶତ ଗୁଣରେ, ମୁଁ ପରେ ବୁଝିଥିଲି।

ତାର ଆଧୁନିକତାର ନିଷ୍କାରୁଣ୍ୟ, ତା'ର ଶିକ୍ଷାର ଗର୍ବ, ପୁରୁଷ ପ୍ରତି ଯେଉଁ ଦାରୁଣ ଅବଜ୍ଞା, ସମସ୍ତ ଯା କିଛି ଶେଷ ପର୍ଯ୍ୟନ୍ତ ତାକୁ ପରାଜୟର ହାତରୁ ଯେ ରକ୍ଷା କରି ପାରିନାହିଁ, ଏକଥା ମଧ୍ୟ ସେହିଦିନ ମୁଁ ସ୍ପଷ୍ଟ ବୁଝିଥିଲି।

କିନ୍ତୁ ଏ ସମସ୍ତ ବୁଝିବା ବହୁ ପୂର୍ବରୁ ମୁଁ ମୋର ପରିବର୍ତ୍ତିତ ପଥ ଧରି ଗତି କରି ସାରିଛି। ମଣିଷ ତ ଆଉ ଦୁଇ ଗୋଡ଼ରେ ନାଆ ଦେବା ସୁବିଧା ନୁହେଁ। ଏଣୁ ଜୀବନର ପରିବର୍ତ୍ତିତ ପଥର ନୂତନ ଆନନ୍ଦ ଓ ଅଭିବ୍ୟକ୍ତି ମୋର ଜୀବନର କଳ୍ପନାକୁ ବାସ୍ତବ ରୂପ ଦେବାରେ ଉତ୍ସାହିତ କରି ଭିନ୍ନ ପଥର ଅନୁସରଣ ଏହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୋଲି ମୁଁ ଆଜି ଅନୁମାନ କରେଁ।

—ସାତ—

ଆଜକୁ ଦୁଇ ବର୍ଷରୁ ବେଶୀ ହୋଇଯିବ ମୁଁ ମୋର କର୍ମମୟ କଳେବରକୁ ନୂତନ କର୍ମ ଯୋଜନାର ଯାତ୍ରା ପଥରେ ସମ୍ପୂର୍ଣ୍ଣ-ରୂପେ ନିୟୋଗ କରି ଦେଇଛି ଓ କର୍ମ ବ୍ୟସ୍ତ ଜୀବନର ଭାରାକ୍ରାନ୍ତ ଦେଶ ଅନୁସନ୍ଧିତ୍ସା, ଦେଶ ଓ ଦଶର ଉପକାର ପାଇଁ ଅପ୍ରାଣ ଚେଷ୍ଟା କରି ଚାଲିଛି ।

ମାନବର ଯାତ୍ରା ପଥରେ ଯେପରି ନୂତନ ସମସ୍ୟା ଦେଖା-ଦିଏ ସେପରି ତାର ସଭ୍ୟତାର, ନୀତିର ଧାରା ମଧ୍ୟ ପରିବର୍ତ୍ତିତ ହୋଇଯାଏ । ସେଥିପାଇଁ ଗୋଟିଏ ଯୁଗର ନୀତିର ସଙ୍ଗରେ ଆଉ ଗୋଟିଏ ଯୁଗର ନୀତିର ସାମଞ୍ଜସ୍ୟ ରହିବ ନାହିଁ । ପିତୃ ପିତାମହ ଯେଉଁ ପଥରେ ଚାଲି ସୁଖ ସ୍ୱାଚ୍ଛନ୍ଦ୍ୟରେ ଦିନାତିପାତ କରି ପାରୁଥିଲେ ସେ ପଥ ଯଦି ବର୍ତ୍ତମାନର ମାନବକୁ ସୁଖର ସନ୍ଧାନ ଦେଇ ନ ପାରେ, ସେଥିରେ ଆଶ୍ଚର୍ଯ୍ୟ ହେବାର କିମ୍ବା ଅଭିଯୋଗ କରିବାର କାରଣ କିଛି ନାହିଁ । କିନ୍ତୁ ଯୋଉ ସଂସ୍କାର ପ୍ରିୟ ମାନବ ସହଜରେ ତାକୁ ଗ୍ରହଣ କରିବାକୁ ସ୍ୱୀକୃତ ନହୋଇ ଦ୍ୱନ୍ଦ୍ୱ ଆରମ୍ଭ କରି ଅନ୍ୟ ପଥର ପ୍ରଦର୍ଶକ ହୋଇଥାଏ । ପୃଥିବୀର ସମସ୍ତ ବିପ୍ଲବର ମୂଳରେ ଏଇ ଗୋଟିକ ସତ୍ୟ—ନୂତନ ଧାରା ସଂଗରେ ପୁରାତନ ସଂସ୍କାରର ସଂଘର୍ଷ !

ତୃଷ୍ଣା ? ତୃଷ୍ଣା ନିବାରଣ କରିବା ଖୁବ୍ ଉଚିତ । ତା ବୋଲି ସହଜ ମନୁଷ୍ୟ କି ସ୍ୱାଭାବିକ ତୃଷ୍ଣା ଯୋଗୁଁ କେବେ ନାଳରୁ ପଙ୍କିଳ ପାଣି ପିଇ ପାରେ ?

ମୁଁ କିନ୍ତୁ କିସର ମୂଲ୍ୟ ଦେଇ ଏଇ ମୃତ୍ୟୁ ପଥର ପାଥେୟ ସଂଗ୍ରହ କରିଛି—ଆଜି ସେଇ ପଥରେ ଚାଲି ଚାଲି ଥରେ ଥରେ ଭାବେଁ ।

ସେଇ ବନବାସର କଥା ସେଇ ପୌରୁଷର ଗର୍ବ, ତ୍ୟାଗର ଆନନ୍ଦ, ଅତୀତ ସୁଖ ସ୍ମୃତିର ଗୌରବ,—ଆତ୍ମ ପ୍ରସାଦର ଏଇ ସମସ୍ତ ଅନୁଭୂତିର ଅନ୍ତରାଳରେ ଯେଉଁ ଦୁର୍ବଳତା ଆତ୍ମଗୋପନ କରିଥିଲା ଆଜି ବି ତ ତାକୁ ସଂପୂର୍ଣ୍ଣ ଜୟ କରି ପାରି ନାହିଁ । ଆଜି ବି ମାତାଦେବୀଙ୍କର ସେଇ ମମତା କାତର ପୂର୍ତ୍ତି ମୁହଁଟି ମୋର ମନେ ପଡ଼େ । ଆଜି ବି ମୋର ସେବା ପରାୟଣା ଭଗ୍ନି ରୁପର ଅଭିସନ୍ଧିର କଥାର ମୋର ମନେ ଜାଗେ । ଆଜି ବି ସୁନ୍ଦରୀ ସ୍ୱର୍ଣ୍ଣର ତୃପ୍ତ କଥା ଗୁଡ଼ି ମୋହର ନିବିଡ଼ ଅନ୍ତରର ଅନ୍ତ ସ୍ଥଳରେ ଗୁଣୁ ଗୁଣୁ ଗୁଞ୍ଜରିତ ହୁଏ ।

ଯେତେବେଳେ କଥା ଛଳରେ ମୁଁ ମୋର ଭବିଷ୍ୟତ ଜୀବନର ମୁଖ୍ୟ ବ୍ରତଟାକୁ ସମର୍ଥନ କରନ୍ତି, ସେତେବେଳେ ସ୍ୱର୍ଣ୍ଣ ତାର ପ୍ରତିବାଦର ଉଗ୍ରତାରେ ପ୍ରଖର ହୋଇ ଉଠନ୍ତା ।

ମୁଁ କହନ୍ତି, "ଜାଣ ସ୍ୱର୍ଣ୍ଣ, ବିଶ୍ୱ ମାନବର ମୁକ୍ତି ପାଇଁ ମହା ମାନବର ଏ ଅଭିଯାନ । ତାର କଲ୍ୟାଣ ପାଇଁ ନିଜର ତୁଚ୍ଛ ସ୍ୱାର୍ଥ ଯେ ତ୍ୟାଗ କରିବା ନିହାତି ଦରକାର ତୁମେ ବୋଧହୁଏ ସ୍ୱୀକାର କର । ଅଭ ତ୍ୟାଗ ଯଦ କରି ପାରି ନ ଯାଏ.........!"

କଥାର ମଝିରେ ସ୍ୱର୍ଣ୍ଣ ଅସହିଷ୍ଣୁ ହୋଇ ମୋର ଗଳା ଛୁଢ କରି କୁହନ୍ତା, "ବିଶ୍ୱର କଲ୍ୟାଣ ପାଇଁ ବୁଦ୍ଧ କି ତ୍ୟାଗ

କର ନାହାନ୍ତି, ଖ୍ରୀଷ୍ଟ କି ତ୍ୟାଗ କରି ନ ଥିଲେ, ଶଙ୍କରାଚାର୍ଯ୍ୟ ମହମ୍ମଦଙ୍କର ତ୍ୟାଗ କି କମ୍, ଆଉ ଗାନ୍ଧୀ ବୁଢା ଅବା କି ତ୍ୟାଗ କରି ନାହାନ୍ତି ? ଏହି ମହାପୁରୁଷମାନଙ୍କର ତ୍ୟାଗ କି ବୁଦ୍ଧଙ୍କର ତାହାର ଅପେକ୍ଷା କମ୍—ଆଉ ସେମାନଙ୍କର ସେ ମହତ୍ ବାଣୀ ତାହା କି କମ୍.........?"

କଥା ଗୁଡ଼ିକ ଆଜି ବି ଥରେ ଥରେ ମୋର ମନେ ପଡ଼ି ଯାଏ, ପ୍ରାଣ କାନ୍ଦି ଉଠେ । ସର୍ବ ସମୟର ଶତ ମୌନ ସହକର୍ମୀଟିକୁ ମନେ ପକାଇ ମୁଁ ଭାବନ୍ତି,—ଯାହାର ଶୀତଳ ଅନ୍ତର ପରି ନିଜର ବି ଯଦି ଜୀବନର ଉଚ୍ଚାକାଂକ୍ଷା ନ ଥାଆନ୍ତା—!

ଇତି ମଧ୍ୟରେ ସ୍ୱର୍ଣ୍ଣ ନିକଟରୁ ଖଣ୍ଡେ ସୌହାର୍ଦ୍ଦ୍ୟ-ବ୍ୟଞ୍ଜକ କ୍ଷୁଦ୍ର ସ୍ୱହସ୍ତ ଲିପିକା ପାଇଥାଏ । ସେ ଲେଖିଛି—,

"ଭରତ ବାବୁ,

ଆପଣଙ୍କ ଆଶୀର୍ବାଦ ସାର୍ଥକ ହୋଇଛି । ସଦ୍ୟ ଜାତ ଶିଶୁଟି ଅତି ସୁନ୍ଦର ହୋଇଛି । ଆପଣଙ୍କର ବର୍ତ୍ତମାନ ଜୀବନର କାର୍ଯ୍ୟ ପଦ୍ଧତି ଅବଲମ୍ବନ କରି ଶିଶୁଟିର ନାମ ରଖିଛି 'ସତ୍ୟବ୍ରତ' । ଏ ହତଭାଗିନୀର ଭୂମିଷ୍ଠ ଦଣ୍ଡବତ ଗ୍ରହଣ କରିବେ । ଇତି ।

ବିନମ୍ରାବନତା,

ସ୍ୱର୍ଣ୍ଣ !"

ସ୍ୱର୍ଣ୍ଣର ଚିଠି ପଢି ମୋର ଗୃହ କୋଣରେ ସନ୍ଧ୍ୟାର ନିବିଡ଼ ଗାଢଅନ୍ଧକାର ଘନାଇ ଆସିଲା । ପ୍ରାଣରେ ପ୍ରାଣରେ ଗୋଟାଏ ମର୍ମାନ୍ତିକ ଅବସନ୍ନତା ଆସି ମନଟା ମୋର ଉଦାସ ହୋଇ ଆସିଲ ।

ମୋର କ୍ଷୁଦ୍ର କୁଟୀର କୋଣ ଆବର ବସିଥିବା ପ୍ରିୟ ସଙ୍ଗିନୀ କୁଟୀର ରାଣୀଟିକୁ ଲକ୍ଷ୍ୟ କରି କହୁଥିଲି, "ଆଚ୍ଛା ସ୍ନେହଲତା, ଯେମିତି ଭାବରେ ସ୍ୱର୍ଣ୍ଣ ଆଜି ମୋ ନିକଟରୁ ଆଶୀର୍ବାଦ ନେଇ ନିଜକୁ ବହୁଦୂର ପର୍ଯ୍ୟନ୍ତ ଟାଣିନେଇ ସୁଖର ସଉଧ ଗଢ଼ି ଦିନ ଯାପନ କରୁଛି, ସେମିତି ଭାବରେ ତୁମେ କି ମୋହର ଏହି ଦୁର୍ନିବାର ଆକର୍ଷଣରୁ ବିଚ୍ଛିନ୍ନ କରି ନିଜକୁ ଦୂରକୁ ଅପସରାଇ ନେଇ ପାରିବ ନାହିଁ ପ୍ରିୟେ ?"

ମଉନାବତୀ କୁଟୀର ରାଣୀଟି ଓଢଣା ଟାଣି ମଉନ ରହିଛି । ପ୍ରିୟ ସଙ୍ଗିନୀଠାରୁ ଜବାବ କୌଣସି ମୁଁ ପାଇନି ।

ମୁଁ ବି ମଉନ ହୋଇ ଭାବୁଛି, କବିର ସ୍ୱଚ୍ଛଳ ଦାମ୍ଭିକ ଭାବ-ଭରା କେତେ ହୃଦୟସ୍ପର୍ଶୀ କଥା ।

ଫାଲ୍‌ଗୁନ ସନ୍ଧ୍ୟାର ସ୍ୱାଗତ ଅଭିବାଦନରେ ପ୍ରେମର ବନ୍ୟା ପ୍ରବଳ ହୋଇ ଉଠେ । ବିଶ୍ୱର ମୋହନ ରାଗିଣୀ ପ୍ରାଣୀ ଜଗତକୁ ସଚେତନ କରିଦିଏ । ଏହି ଅବସରରେ ଉନ୍ମୁକ୍ତ ହୃଦୟରେ ଜଣେ ଜଣକୁ ଅପେକ୍ଷା କରେ ତାହାର ସର୍ବସ୍ୱ ଦେଇ ନିଜର କରି ନେବାକୁ । କିନ୍ତୁ ପରିଣାମ କଅଣ ହୁଏ—ଗାନର ସୁମଧୁର ଲହରୀ ଉଠିଲା ବେଳେ ବୀଣାର ତନ୍ତ୍ରୀ ହଠାତ୍ ଛିଣ୍ଡିଗଲେ ଟୋଟିଏ

ଯେପରି ବେସୁର ସ୍ଟିଣୀ ବାଜି ଉଠି ସବୁ ଏକବାରେ ନୀରବ ହୋଇଯାଏ, ସେହିପରି ମୋହର ଏହି କ୍ଷିପ୍ର ଯୌବନର ଉଦ୍ଦାମ ଭାବ ଧନେ ମୋହର ଦେଶର କର୍ମମଗ୍ନ ଗୁରୁଭାରର ରୂପରେ ସମ୍ପୂର୍ଣ୍ଣ-ରୂପେ ଭିନ୍ନ ଆକାର ଧାରଣ କରିଥିଲା ।

ମୁହୂର୍ତ୍ତିକ ଅବକାଶରେ ମନୁଷ୍ୟ କେତେ ଆଶାଢ଼ ଆଶାର ସୁଖ ସ୍ୱପ୍ନ ଦେଖି ପୁଣି ନୈରାଶ୍ୟ ଭାରକୁ ହୃଦୟରେ ବହନ କରି ଅଗ୍ରସର ହୁଏ । ସେଇ ହୁଏ ତାର ଭାବନାର ପ୍ରଥମ ଆଉ ଶେଷ । ମୋର ଜୀବନର ସଂକ୍ଷିପ୍ତ ଇତିହାସ ଏଇ ପ୍ରଥମ ଆଉ ଶେଷ କେଇ !!!

ସମାପ୍ତ

ନଂ...217
ତା.......



ମୁଦ୍ରାକର-ଶ୍ରୀ ବନମାଳୀ ମିଶ୍ର, ନବଭାରତ ପ୍ରେସ, କଟକ, ୧୯୫୧